## ସଂକ୍ଷେପରେ

### ସନ୍ଥ ନିରଙ୍କାରୀ ମିଶନର ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ

ଦିଗପହଣ୍ଡି,୨୩।୨(ଡି.ଏନ.ଏ.): ସନ୍ଥ ନିରଙ୍କାରୀ ମିଶନ ଚୈତନ୍ୟପୁର ଶାଖା ପକ୍ଷରୁ ରବିବାର ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖା ମୁଖ୍ୟ ଆର.ଧନୁଙ୍କ ତତ୍ତ୍ୱାବଧାନରେ ସଞ୍ଚାଳକ ଏଲ.ବିଜୟଙ୍କ ସଂଯୋଜନାରେ ବହୁ ସଂଖ୍ୟକ ସେବାଦଳ, ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇଥିଲେ। ପ୍ରତ୍ୟେକ ଛୁଟି ଦିବସରେ ବିଭିନ୍ନ ଅଞ୍ଚଳରେ ସଫେଇ ସହ ଅନ୍ୟାନ୍ୟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଶାଖା ଦ୍ୱାରା ହାତକୁ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ଟି.ହରିଶ୍ଚନ୍ଦ୍ର, ଏମ୍.ଗୋପାଳକୃଷ୍ଣ, ଲବ ରେଡ୍ଡୀ, ବାଲାରାଜୁ ରେଡ୍ଡୀ, ଇ.ଗୋପାଳ, ଅନିଲ ବାଡ଼ତ୍ୟା, ଅଲେଖ ଚୌଧୁରୀ, ଇନି ରେଡ୍ଡୀ, ବନି ରେଡ୍ଡୀ ଓ ଫୁଲ ରେଡ୍ଡୀ ପ୍ରମୁଖଙ୍କ ସମେତ ସମସ୍ତ କାର୍ମକର୍ତ୍ତା ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### 'ଜୁଇରେ କାନ୍ଦୁଛି ଜିଅନ୍ତା ଶବ' ମଞ୍ଚସ୍ଥ

ପାତ୍ରପୁର, ୨୩।୨(ଡି.ଏନ୍.ଏ.): ପାତ୍ରପୁର ବ୍ଲକ କୋଳିହଳା ଗ୍ରାମରେ ଜାଗର ଯାତ୍ରା ଉପଲକ୍ଷେ ଗୁପ୍ତେଶ୍ୱର ନାଟ୍ୟ ସଂସଦର ଷଷ୍ଠ ଅବଦାନରେ ସାମାଜିକ ନାଟକ 'ଜୁଇରେ କାନ୍ଦୁଛି ଜିଅନ୍ତା ଶବ'' ମଞ୍ଚସ୍ଥ ହୋଇଥିଲା। ନାଟକକୁ ନବୀନ କୁମାର ମହାପାତ୍ର ରଚନା କରିଥିବା ବେଳେ ଦୁର୍ଗାପ୍ରସାଦ ରାଉଳ ନିର୍ଦ୍ଦେଶନା ଦେଇଥିଲେ । ଗ୍ରାମ୍ୟ କମିଟି ସଦସ୍ୟଙ୍କ ଉପସ୍ଥିତିରେ ନାଟ୍ୟ ନିର୍ଦ୍ଦେଶକ ଏହାକୁ ଉଦ୍‌ଘାଟନ କରିଥିଲେ। ନ୍ୟୁ ଟାଲେଣ୍ଟ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଆୟୋଜିତ ମେଲୋଡି କାର୍ଯ୍ୟକ୍ରମକୁ ରାଜଗୋପାଳ ପାଢ଼ୀ ସଂଯୋଜନା କରିଥିଲେ। ନାଟକରେ ଜାଗିଲି ପ୍ରଧାନ, ଦେବହରି ବେହେରା, ସନ୍ତୋଷ ମହାପାତ୍ର, ରଘୁନାଥ ରଣା, ସଚିନ ପ୍ରଧାନ, ଧରମା ସାହୁ, ସନାତନ ମହାରଣା, ନିରଞ୍ଜନ ସାହୁ ଓ ପୂଜା, ପ୍ରଣତି,ଖୁସୁବୁ ଏବଂ ରିଙ୍କି ଅଭିନୟ କରିଥିଲେ । ଗ୍ରାମ୍ୟ କମିଟିଙ୍କ ସହ ଯୁବଗୋଷ୍ଠୀ ସହଯୋଗ କରିଥିଲେ ।

### ମା' ଅନ୍ନପୂର୍ଣ୍ଣା ଯାତ୍ରା ପ୍ରସ୍ତୁତି ବୈଠକ

ଟିକିଟି,୨୩।୨(ଡି.ଏନ.ଏ.): ଟିକିଟି ବ୍ଲକ ନୂଆପଡା ଗ୍ରାମର ଆରାଧ୍ୟା ମା' ଅନ୍ନପୂର୍ଣ୍ଣା ଠାକୁରାଣୀ ଯାତ୍ରା ନିମନ୍ତେ ରବିବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ମା'ଙ୍କ ମୁଖ୍ୟ ପୂଜକ ତଥା ଦେଶୀ ବେହେରାଙ୍କ ବଡଡେରାସାହିସ୍ଥିତ ନିଜ ବାସଭବନରେ ଏହି ବୈଠକ ହୋଇଥିଲା। ନୂଆପଡାର ବହୁମାନ୍ୟଗଣ୍ୟ ବ୍ୟକ୍ତି ବାଦ୍ୟବାଜଣା ଓ ଶଙ୍ଖଧ୍ୱନିରେ ମା'ଙ୍କ ନିକଟରୁ ବାହାରି ପ୍ରତ୍ୟେକ ସାହି ପରିଭ୍ରମଣ କରି ଦେଶୀ ବେହେରାଙ୍କ ବାସଭବନରେ ପହଞ୍ଚି ଯାତ୍ରାକୁ କିପରି ତ୍ୱରାନ୍ୱିତ ଓ କିପରି ଅଧିକ ଆକର୍ଷଣ କରାଯିବ, ସେ ଉପରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ବୈଠକ ଆସନ୍ତା ମଙ୍ଗଳବାର ଅନୁଷ୍ଠିତ ହେବ। ବୈଠକରେ ପୂର୍ବତନ ସରପଞ୍ଚ ଶ୍ୟାମାକାନ୍ତ ତ୍ରିପାଠୀ, ବିନାୟକ ବିଶୋୟୀ, ଟି. ହରିଶ୍ଚନ୍ଦ୍ର, ସରପଞ୍ଚ ପ୍ରତିନିଧି ଏସ୍. ଜଗଦୀଶ, ଶିବଶଙ୍କର ସାହୁ, ଶଙ୍କର ପ୍ରଧାନ, ବାହୁଦା ମହୋତ୍ସବ ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ଓ ଶିକ୍ଷକ ଅରବିନ୍ଦ ରଣା ପ୍ରମୁଖ ଯୋଗ ଦେଇଥିଲେ।

# ପାଟ୍ରୋଲିଂ କରୁନାହାନ୍ତି ବନ କର୍ମଚାରୀ

**ହାତୀ ମୃତ୍ୟୁ ଘଟଣାରୁ ପ୍ରମାଣିତ ହେଲା**

ଭଞ୍ଜନଗର,୨୩।୨(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ବଡ଼ଗୁଣ୍ଡିରିବାଡ଼ି ଜଙ୍ଗଲରେ ଗତ ୧୪ ତାରିଖରେ ଏକ ହାତୀର ଗଳିତ ମୃତଦେହ ଠାବ କରାଯାଇଥିଲା। ମୃତଦେହ ଠାବ ହେବାର ପ୍ରାୟ ୧୫ ଦିନ ପୂର୍ବରୁ ହାତୀଟିର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା। ତେବେ ବନ କର୍ମଚାରୀମାନେ ଜଙ୍ଗଲକୁ ଠିକ୍ ଭାବେ ଯାଉ ନ ଥିବା ଜଣାପଡ଼ିଛି। କର୍ମଚାରୀମାନେ ଜଙ୍ଗଲକୁ ଯାଉ ନ ଥିବା, କର୍ମଚାରୀ ଓ ଅଧିକାରୀ, ବନ ସୁରକ୍ଷା ସମିତି (ଭିଏସ୍‌ଏସ୍ ) ଏବଂ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବା ସମ୍ପର୍କରେ ପୂର୍ବରୁ 'ଧରିତ୍ରୀ'ରେ ଏକାଧିକ ଖବର ପ୍ରକାଶ ପାଇଥିଲା। ହାତୀ ମୃତ୍ୟୁ ସମ୍ପର୍କରେ ବନ ବିଭାଗ ନ ଜାଣିବା ଘଟଣା ଏହାକୁ ସତ ପ୍ରମାଣିତ କରିଛି। ଜଙ୍ଗଲକୁ କର୍ମଚାରୀ ନ ଗଲେ ହାତୀ ଓ ମଣିଷଙ୍କ ଜୀବନ ପ୍ରତି ବିପଦ ରହୁଛି। ବଡ଼ଗୁଣ୍ଡିରିବାଡ଼ିରେ ହାତୀ ମୃତ୍ୟୁ ପରେ ବିଭାଗ ପକ୍ଷରୁ ସମ୍ପୃକ୍ତ ବିଟ୍‌ର ବନପାଳ ଓ ବନରକ୍ଷୀଙ୍କୁ ନିଲମ୍ବିତ କରାଯାଇଛି। ହେଲେ ଭବିଷ୍ୟତରେ ଯେଭଳି ଏପରି ଘଟଣାର ପୁନରାବୃତ୍ତି ନ ହେବ ସେଥିପ୍ରତି ବନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଆବଶ୍ୟକ ହୋଇପଡିଛି।

ଉତ୍ତର ଘୁମୁସର ବନଖଣ୍ଡ ଜାତୀୟ ଓ ରାଜ୍ୟସ୍ତରରେ ଏକାଧିକ ଥର ଜଙ୍ଗଲ ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ପୁରସ୍କୃତ ହୋଇଛି। ସେହି ପୁରୁଣା ଗୌରବକୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଏହି ବନଖଣ୍ଡରେ ଅଧିକାରୀ ଓ ତଳିଆ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଅଫିସରଙ୍କ ଅଲିଖିତ ନିର୍ଦ୍ଦେଶକୁ କେତେଜଣ ତଳିଆ କର୍ମଚାରୀ ମାନୁନାହାନ୍ତି। ଗ୍ରାମାଞ୍ଚଳରେ ଅନେକ କର୍ମଚାରୀ କର୍ମ କ୍ଷେତ୍ରରେ ରହୁନାହାନ୍ତି। ଫଳରେ ବନ୍ୟଜନ୍ତୁ ଯୋଗୁ ଫସଲ କ୍ଷତି ହେଲେ ଠିକ୍ ଭାବେ କ୍ଷତିପୂରଣ ମିଳିପାରୁନି। ଏ ନେଇ ଅକ୍ଟୋବର ୫ରେ ଧରିତ୍ରୀରେ 'ଅଫିସରଙ୍କ ନିର୍ଦ୍ଦେଶ ମାନୁନାହାନ୍ତି କର୍ମଚାରୀ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସେହିପରି ଡିସେମ୍ବରରେ 'ହାତୀ ଗାଁରେ, କର୍ମଚାରୀ ସହରରେ' ଶୀର୍ଷକ ଅନ୍ୟ ଏକ ଖବର ପ୍ରକାଶିତ ହୋଇଥିଲା। କର୍ମଚାରୀମାନେ ନିଜ କର୍ମ କ୍ଷେତ୍ରରେ ରହୁ ନ ଥିବା ଯୋଗୁ ଅନେକ ସମସ୍ୟା ଦେଖାଦେଉଛି। ଗତ ୨ ବର୍ଷ ହେବ ଜାଇକା ଅର୍ଥରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଦାୟିତ୍ୱ ଦିଆଯାଇଛି। ଏ ବାବଦରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ଉକ୍ତ ଅନୁଷ୍ଠାନର କର୍ମଚାରୀ ମଧ୍ୟ ତତ୍ପର ହେବା ଆବଶ୍ୟକ ବୋଲି କେତେକ ଭିଏସ୍‌ଏସ୍‌ର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ**
**ନିତି ମଲ୍ଲୁକୁ ଚାହାନ୍ତି ନାହିଁ ।**
**ନିତି କୁଣିଆଁକୁ ସେରନ୍ତା ନାହିଁ**
**ନିତି ବାଟକୁ ଡରନ୍ତା ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଇଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ**
**ଭଲା ଭିଆଇଲେ ଚକରପାଣି ।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପ୍ରଥମ ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ

ବ୍ରହ୍ମପୁର ଅଫିସ,୨୩।୨



ରକ୍ତଦାନ ଶିବିରରେ ଚାମ୍ବର ଅଫ କମର୍ସର କର୍ମକର୍ତ୍ତା।

**ଚାମ୍ବର ଅଫ କମର୍ସର ରକ୍ତଦାନ ଶିବିର**
**■ବର୍ଷକରେ କରିବ ୧୨ ଶିବିର**

ଗଞ୍ଜାମ ଚାମ୍ବର ଅଫ କମର୍ସ ପକ୍ଷରୁ ଏବିଭିଡି (ଆସୋସିଏଶନ ଅଫ ଭଲ୍ୟୁଣ୍ଟାରୀ ବ୍ଲଡ ଡୋନର୍ସ) ସହଯୋଗରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଚାମ୍ବରର ବ୍ରହ୍ମପୁର କାର୍ଯ୍ୟାଳୟରେ ଆୟୋଜିତ ଶିବିରକୁ ସଭାପତି ଇ. ଶିବପ୍ରସାଦ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ପାଦକ ଭି. ସନ୍ତୋଷ କୁମାରଙ୍କ ସମେତ ଚାମ୍ବର ପୂର୍ବତନ ସଭାପତି କେ. ଶିବ ପ୍ରସାଦ ରାଓ, ଉପସଭାପତି କମଳକାନ୍ତ ମିଶ୍ର, ଭିଭି ଆରଏନ୍ ରାଓ, ସିଏଚ ରବୀନ୍ଦ୍ର ନାଥ, ସନ୍ତୋଷ ସାହୁ, ନିର୍ଦ୍ଦେଶକ ନୀତୀନ ମୁଦ୍ରା, ଜେ. ସୁରେଶ, ଏବିଭିଡି ସଭାପତି ରମାକାନ୍ତ ରଥ, ସମ୍ପାଦକ ସୁଶାନ୍ତ ଘୋଷ, ରାଜା ସୁରେଶଙ୍କ ସମେତ ବ୍ରହ୍ମପୁର ହୋଲସେଲ କ୍ଲଥ ମର୍ଚ୍ଚାଣ୍ଟ ଆସୋସିଏଶନର ସଦସ୍ୟମାନେ ପ୍ରମୁଖ ପରିବାଳନାରେ ସହଯୋଗ କରିଥିଲେ । ଏମ୍‌କେସିଜି ମେଡିକାଲ କଲେଜ ଓ ଚିକିତ୍ସାଳୟ ରକ୍ତ ଭଣ୍ଡାରର ଡା. ରଶ୍ମିତା ପାଣିଗ୍ରାହୀ ଓ ଗୋପାଳ ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ତେବେ ଚଳିତ ବର୍ଷ ଚାମ୍ବର କମର୍ସ ପକ୍ଷରୁ ୧୨ ମାସରେ ୧୨ ରକ୍ତଦାନ ଶିବିର ଆୟୋଜନ କରିବାକୁ ଯୋଜନା ରହିଛି । ରବିବାର ଚଳିତ ବର୍ଷର ପ୍ରଥମ ଶିବିର ଆୟୋଜନ କରାଯାଇଥିବା ଚ୍ୟାମ୍ବର ପକ୍ଷରୁ ସୂଚନା ଦିଆଯାଇଥିଲା । ଶିବିରରୁ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

### ଆନ୍ଧ୍ରରୁ ବିଇଡି ପରୀକ୍ଷା ଦେଇ ଫେରୁଥିବା ମହିଳା ଟ୍ରେନ୍‌ରୁ ଖସି ମୃତ

ବ୍ରହ୍ମପୁର ଅଫିସ/ ସୋର,୨୩।୨(ଡି.ଏନ୍.ଏ)

ବାଲେଶ୍ୱର ଜିଲା ସୋର ବଡୁଖୁରୀ ଗ୍ରାମର ଜଣେ ମହିଳା ତାଙ୍କ ଭାଉଜଙ୍କ ସହିତ ଆନ୍ଧ୍ରରୁ ବିଇଡି ପରୀକ୍ଷା ଦେଇ ଫେରୁଥିବା ବେଳେ ରବିବାର ଅପରାହ୍ନରେ ଗଞ୍ଜାମ ଜିଲା ବ୍ରହ୍ମପୁର ରେଳ ଷ୍ଟେଶନ୍‌ରେ ଟ୍ରେନରୁ ଖସି ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଲେ ହେମେନ୍ଦ୍ର ଓଝାଙ୍କ ସ୍ତ୍ରୀ ରଶ୍ମିରେଖା(ଲୀନା)। ବ୍ରହ୍ମପୁର ଷ୍ଟେଶନରେ ଟ୍ରେନ ଅଟକି ଥିବା ବେଳେ ସେ ପାଣି ଆଣିବା ପାଇଁ ଯାଇଥିଲେ। ଏହି ସମୟରେ ଟ୍ରେନ ଛାଡ଼ି ଦେଇଥିଲା। ସେ ଦୌଡ଼ିଦୌଡ଼ି ଚଢିବାକୁ ଚେଷ୍ଟା କରୁଥିବା ବେଳେ ଟ୍ରେନରୁ ଖସିପଡ଼ି ପ୍ଲାଟଫର୍ମରେ ଥିବା ଏକ ଖୁଣ୍ଟରେ ପିଟି ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମୃତ ରଶ୍ମୀରେଖାଙ୍କ ପରିବାର ଲୋକେ ବ୍ରହ୍ମପୁରରେ ପହଞ୍ଚିଥିବା ଜଣାପଡ଼ିଛି।

# ବସନ୍ତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ବ୍ରହ୍ମପୁର ଅଫିସ, ୨୩।୨

ଗଞ୍ଜାମ କଳା ପରିଷଦ ପରିସରରେ ଆୟୋଜିତ ବସନ୍ତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗଞ୍ଜାମ କଳା ପରିଷଦ ସଭାପତି ଡ. କୃଷ୍ଣଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ । ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା । କାର୍ଯ୍ୟକ୍ରମରେ ଗଞ୍ଜାମ କଳା ପରିଷଦ, ନୂପୁର, ବିଶ୍ୱଭାରତୀର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଓଡ଼ିଶୀ ନୃତ୍ୟ, ପଲ୍ଲୀନୃତ୍ୟ, ଓଡ଼ିଶୀ ସଙ୍ଗୀତ, ହିନ୍ଦୁସ୍ଥାନୀ ସଙ୍ଗୀତ ଓ ତବଲା ବାଦନ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ସତ୍ୟ ମହାରଣା ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ କୃଷ୍ଣଚରଣ ସିଂ, ସମ୍ପାଦକ ଦେବେନ୍ଦ୍ରନାଥ ନନ୍ଦ, କୋଷାଧ୍ୟକ୍ଷ ଗଗନ ପଟ୍ଟନାୟକ, ନୃତ୍ୟ ଓ ସଙ୍ଗୀତ ଗୁରୁ ଗୋପାଳ ଶତପଥୀ, ବିଭୂଦତ୍ତ ନାୟକ, ନୀଳାଞ୍ଚଳ ବେହେରା, ଅମିୟ ତ୍ରିପାଠୀ ସହଯୋଗ କରିଥିଲେ । ସୁବୋଧ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।


ଓଡ଼ିଶୀର ତାଳେ ତାଳେ ନୃତ୍ୟାଙ୍ଗନା ଛାତ୍ରୀ ।

# ବଡ଼ଗଡ଼କୁ ହରାଇଲା ଆସିକା

ଭଞ୍ଜନଗର,୨୩।୨(ଡି.ଏନ.ଏ)


ପ୍ରଶାନ୍ତ ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି ।

**ବିଜୟାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଭଞ୍ଜନଗର କଲେଜ ପଡ଼ିଆରେ ରବିବାର ଇଂ.ବିଜୟାନନ୍ଦ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ନୀଳାଞ୍ଚଳ ମୁନି, ଜିଆରସି ଚେୟାରମ୍ୟାନ୍ ଅମରନାଥ ରଥ, ଅବକାରୀ ବିଭାଗ ଏସ୍‌ଆଇ ପାର୍ଥସାରଥୀ ରାଉତ, ଲେଖକ ପ୍ରଶାନ୍ତ ମହାନ୍ତି ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବଡ଼ଗଡ଼ କ୍ରିକେଟ କ୍ଲବ ଓ ଆସିକା ପାୱାର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ଏଥିରେ ଆସିକା ୧୩ ରନରେ ବିଜୟୀ ହୋଇଛି। ଆସିକା ଟିମ୍ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୭୬ ରନ୍ ସଂଗ୍ରହ କରିଥିଲା । କାଳିଆ ସର୍ବାଧିକ ୭୨ ରନ୍ କରିଥିଲେ । ଏହି ରନ୍‌ର ପିଛା କରି ବଡ଼ଗଡ଼ ଟିମ୍ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୬୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ସଭୟ ନରସିଂହ ଗୌଡ଼ ସର୍ବାଧିକ ୫୦ ରନ୍ ସଂଗ୍ରହ କରିଥିଲେ। ଆସିକାର କାଳିଆ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ରେଫରି ଭାବେ ମନୋଜ ମହାରଣା ଓ ମନୋଜ ତ୍ରିପାଠୀ ରହିଥିବା ବେଳେ ଅବିନାଶ ମହାରଣା ସ୍କୋରର ଥିଲେ । ସୋମବାର ଆସିକା ଷ୍ଟାର କ୍ରିକେଟ କ୍ଲବ ସହ ବ୍ରହ୍ମପୁର ଅଗଷ୍ଟ ୧୫ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହେବ ।

### ଭାଜପାର ବୈଠକ

ପାରଳାଖେମୁଣ୍ଡି,୨୩।୨(ସ୍ୱ.ପ୍ର.)

ରାୟଗଡ଼ ବ୍ଲକ୍ ଏସ୍. କରଡାସିଂ ପଞ୍ଚାୟତ ଅନ୍ଧାରିଗୁମ୍ମାଠାରେ ରାୟଗଡ଼ ଓ ଜିରାଙ୍ଗ ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ମଣ୍ଡଳର କର୍ମୀଙ୍କୁ ନେଇ ବିଭିନ୍ନ ବିଷୟ ଆଲୋଚନା ସହ ବୁଥ୍‌ସ୍ତରୀୟ କମିଟି ଗଠନ ହୋଇଛି। ବୈଠକରେ ଉଭୟ ମଣ୍ଡଳର ନବନିର୍ବାଚିତ ସଭାପତି ଜଗନ୍ନାଥ ଖାଡ଼ଙ୍ଗାଲୁ ଓ ଗଙ୍ଗାଧର ଗୌଡ଼ ସଭାପତିତ୍ୱ କରିଥିବାବେଳେ ପର୍ଯ୍ୟବେକ୍ଷକ ପ୍ରଦୀପ ହରିଚନ୍ଦନ, ଆର୍. ଉଦୟଗିରି ବ୍ଲକ୍ ପର୍ଯ୍ୟବେକ୍ଷକ ବାଳକୃଷ୍ଣ ପଟ୍ଟନାୟକ, ପୂର୍ବତନ ଜିଲା ଉପସଭାପତି ପ୍ରଶାନ୍ତ ମଲ୍ଲିକ, ଜିଲାପରିଷଦ ସଭ୍ୟ ଜଗନ୍ନାଥ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ପରୀକ୍ଷା ତଥା ଜନ ସଚେତନତା ଶିବିର

ପାଟପୁର,୨୩।୨

ଦିଗପହଣ୍ଡି ଫରେଷ୍ଟ ରେଞ୍ଜ ପକ୍ଷରୁ ସାନଖେମୁଣ୍ଡି ବ୍ଲକ ପ୍ରତାପଗିରି, ପୁରୁଣାଗଡ଼ରେ ରବିବାର ସ୍ୱାସ୍ଥ୍ୟ ପରୀକ୍ଷା ତଥା କୃଷ୍ଣ ସାର ମୃଗ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦିଗପହଣ୍ଡି ରେଞ୍ଜର ପ୍ରମୋଦ କୁମାର ଖଡଗରାୟ ଉଦ୍‌ଘାଟନ କରିଥିଲେ। ପରେ ଗାଁ ଗହଳିର ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କୃଷ୍ଣସାର ମୃଗ କିଭଳି ସୁରକ୍ଷିତ ଭାବେ ଜଙ୍ଗଲରେ ରହିପାରିବେ ଓ ଯେଉଁ ରାସ୍ତା ଦେଇ ମୃଗ ଯାତାୟାତ କରନ୍ତି ବା ମୃଗ ବାସ କରନ୍ତି ସେହି ରାସ୍ତାରେ ସାବଧାନତା ଅବଲମ୍ବନ କରି ବାକୁ ପରାମର୍ଶ ଦେଇଥିଲେ। ସେହିପରି ଗାଡି ଚଳାଚଳ କରିବା, ମୃଗ ଶିକାର କିମ୍ବା ଶିକାରୀ ଆକ୍ରମଣ କରିବା ଖବର ପାଇଲେ ସଙ୍ଗେ ସଙ୍ଗେ ଜଣାଇବାକୁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଡ଼ପଡା ମେଡିକାଲର ଡାକ୍ତର ଲିଙ୍ଗରାଜ ଶତପଥୀ, ମିଳନ ମହାରଣା, ଫାର୍ମାସିଷ୍ଟ ସୁନୀଲ ସେଠୀ, ଏଏନ୍‌ଏମ୍ ରଶ୍ମିତା ମହାପାତ୍ର ଓ ଦିଗପହଣ୍ଡି ରେଞ୍ଜର ପ୍ରମୋଦ କୁମାର ଖଡଗରାୟ, ପାଟପୁର ଫରେଷ୍ଟର ଅକ୍ଷୟ କୁମାର ତ୍ରିପାଠୀ, ନୂଆପଡା ଫରେଷ୍ଟର ବିଜୟ କୁମାର ମାଝି, ଦିଗପହଣ୍ଡି ଫରେଷ୍ଟର ସୀତାରାମ ପାତ୍ର, ଟିକିଟି ଫରେଷ୍ଟର କେ.କବିତା ରେଡ୍ଡୀଙ୍କ ସମେତ ବନ ବିଭାଗର ସମସ୍ତ କର୍ମଚାରୀ ଫରେଷ୍ଟ ଗାର୍ଡ ଉପସ୍ଥିତ ଥିଲେ।

# ଖଣ୍ଡରାବଳି, ଋଷିକୁଲ୍ୟା ଟିମ୍ ବିଜୟୀ


ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟିକା ଓ ଅନ୍ୟମାନେ।

**ବାବା ପାତାଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଆସିକା,୨୩।୨(ଡି.ଏନ୍.ଏ.)

ଆସିକା ବ୍ଲକ କେନ୍ଦୁପଦର ପଞ୍ଚାୟତ ଚାଟୁଲା ଗ୍ରାମରେ ରବିବାରଠାରୁ ୧୯ତମ ବାବା ପାତାଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ବାବା ପାତାଳେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଉଦଘାଟନ କରିଥିଲେ । ଯୁବନେତା ଟୁଟୁ ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆସିକା ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ଉପାଧ୍ୟକ୍ଷା ସୁଜାତା ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢୀ, ଯୁବନେତା ନଚିକେତା ସ୍ୱାଇଁଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ । ଟୁର୍ନାମେଣ୍ଟରେ ଟେନିସ ବଲକୁ ନେଇ ୧୬ ଓଭର ଓ କର୍କ ବଲକୁ ନେଇ ୨୦ ଓଭର ଖେଳ ପୃଥକ ଭାବେ ହେଉଛି। ଟେନିସ ବଲରେ ଉଦଘାଟନୀ ମ୍ୟାଚ ଖଣ୍ଡରାବଳି ଓ ଗହଙ୍ଗୁପାଟଳା ଟିମ୍ ମଧ୍ୟରେ ହୋଇଥିଲା । ଏଥିରେ ଖଣ୍ଡରାବଳି ଟିମ୍ ବିଜୟୀ ହୋଇଛି। ଖଣ୍ଡରାବଳି ଟିମ୍‌ର ବୁବୁ ବିଷୋୟୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିପରି କର୍କବଲ ଖେଳ ଆସିକା ଋଷିକୂଲ୍ୟା କ୍ରିକେଟ କ୍ଲବ ଓ ନଳବଣ୍ଟା ଟିମ୍ ମଧ୍ୟରେ ହୋଇଥିଲା । ଏଥିରେ ଋଷିକୂଲ୍ୟା କ୍ରିକେଟ କ୍ଲବ ବିଜୟୀ ହୋଇଛି । ଋଷିକୁଲ୍ୟା ଟିମର ଉମା ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜେଶ ଜେନା, ଚିନ୍ମୟ ଖଟେଇ ଓ ବୁଲୁରାମ ସ୍ୱାଇଁ ଖେଳ ପରିଚାଳନା କରିଥିଲେ ।

# ଗଞ୍ଜାମ ଜିଲା : ସଙ୍ଗଠନ ବିସ୍ତାର ଲକ୍ଷ୍ୟରେ ୩ ଦଳ

ବ୍ରହ୍ମପୁର ଅଫିସ,୨୩।୨

**■ଫୋକସରେ ଆଗାମୀ ପୌର ନିର୍ବାଚନ**
**■ସଙ୍ଗଠନ କ୍ଷେତ୍ରରେ ପଛରେ ପଡ଼ିଛି କଂଗ୍ରେସ**
**■ସବୁ ସହରାଞ୍ଚଳ ଶାସନ ଦଖଲ ପାଇଁ ପ୍ରୟାସ କରିବ ବିଜେଡି**

ସରକାର ଏଯାବତ୍ ଘୋଷଣା କରି ନ ଥିଲେ ମଧ୍ୟ ଆଗକୁ ପୌର ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ଏଥିପାଇଁ ଶାସକ ବିଜେଡି ଏବଂ ବିରୋଧୀ ଭାଜପା ଓ କଂଗ୍ରେସର ଫୋକସ ରହିବ। ତେଣୁ ଏହି ୩ ଦଳ ପକ୍ଷରୁ ସଂଗଠନ ବିସ୍ତାର ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବୃହତ୍ତମ ଜିଲା ଗଞ୍ଜାମରେ ଥିବା ଭାଜପାର ଦୁଇ ସାଙ୍ଗଠନିକ ଜିଲାରେ ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗତ ଦୁଇଦିନ ତଳେ ଶାସକ ବିଜେଡିର ନୂଆ ସଭାପତିଙ୍କ ନାମ ଘୋଷଣା କରାଯାଇଥିବା ବେଳେ ପ୍ରକ୍ରିୟା ଆରମ୍ଭ ନ ହୋଇ ସବୁଠାରୁ ପୁରୁଣା ଦଳ କଂଗ୍ରେସ ପଛରେ ପଡ଼ିଯାଇଛି। ଚଳିତ ମାସ ୧୮ ତାରିଖରେ ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବ୍ରହ୍ମପୁରଗସ୍ତରେ ଆସି ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାର ସାଙ୍ଗଠନିକ ସ୍ଥିତି ସମୀକ୍ଷା କରିଥିଲେ। ନୂଆ ସଭାପତି ଚୟନ ସମ୍ପର୍କରେ ଉପରୋକ୍ତ ଜିଲାର ଦଳୀୟ ନେତା ଓ ବରିଷ୍ଠ କର୍ମୀଙ୍କ ମତାମତ ନେଇଥିଲେ। ଖୁବ୍‌ଶୀଘ୍ର ନୂଆ କର୍ମକର୍ତ୍ତା ଘୋଷଣା କରାଯିବାର ସୂଚନା ଦେଇଥିଲେ।

ବୃହତ୍ତମ ଜିଲା ଗଞ୍ଜାମରେ ଗତ ଡିସେମ୍ବରରୁ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯାଇ ଜାନୁୟାରୀ ସୁଦ୍ଧା ପଞ୍ଚାୟତ, ବ୍ଲକ ଓ ସହରାଞ୍ଚଳ ସଙ୍ଗଠନ କାର୍ଯ୍ୟ ସରିଥିଲା। ଏବେ ଜିଲା ସଭାପତିଙ୍କ ନାମ ଘୋଷଣା ହୋଇଛି। ଅପରପକ୍ଷରେ ଜିଲା ରାଜନୀତିରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ଭାଜପା ପକ୍ଷରୁ ମଧ୍ୟ ୱାର୍ଡ, ମଣ୍ଡଳ, ଜିଲା ପ୍ରତିନିଧି ଏବଂ ଜିଲା ସଭାପତି ନିର୍ବାଚନ ହୋଇଯାଇଛି। ଘୁମୁସର ସାଙ୍ଗଠନିକ ଜିଲାରେ ଗୋକୁଳାନନ୍ଦ ମଲିକ ଏବଂ ଗଞ୍ଜାମ ସାଙ୍ଗଠନିକ ଜିଲାରେ ବିଭୂତି ଭୂଷଣ ଜେନା ନୂଆ ସଭାପତି ହୋଇଛନ୍ତି। ସେହିପରି ବ୍ରହ୍ମପୁରରୁ ଲଗାତର ଭାବେ ୫ ଥର ବିଧାୟକ ହୋଇଥିବା ଏବଂ ୨୦୧୯ ନିର୍ବାଚନରେ ଟିକେଟରୁ ବଞ୍ଚିତ ହୋଇଥିବା ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଗଞ୍ଜାମ ଜିଲା ବିଜେଡି ସଭାପତି କରାଯାଇଛି। ଜଣେ ପୁରୁଖା ନେତାଙ୍କୁ ଜିଲା ସଭାପତି କରି ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୁଣା କାର୍ଡ ଖେଳିଛନ୍ତି। ଦଳର ଅନ୍ୟ ନେତାଙ୍କୁ ମଧ୍ୟ ଚକିତ କରି ଦେଇଛନ୍ତି।

ଗଞ୍ଜାମର ବଡ଼ ସହର ବ୍ରହ୍ମପୁର ମହାନଗର ନିଗମ, ନବଗଠିତ ହିଞ୍ଜିଳି ପୌର ପରିଷଦ ଏବଂ ଆଉ ୧୬ ଏନ୍‌ଏସିର ଆଗାମୀ ନିର୍ବାଚନ ପାଇଁ ବିଜେଡି ଏବେଠୁ ପ୍ରସ୍ତୁତ ହୋଇଥିବା ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ଜିଲାର ପୌର ନିର୍ବାଚନ ଚ୍ୟାଉ ପଟ୍ଟନାୟକଙ୍କୁ ଚ୍ୟାଲେଞ୍ଜ ହେବାର ମଧ୍ୟ ଆଲୋଚନା ପରିସରକୁ ଆସିଛି। ୨୦୧୩ ପୌର ନିର୍ବାଚନରେ ଗଞ୍ଜାମରେ ବିଜେଡି ବାଜିମାତ କରିଥିଲା ଏବଂ ଭାଜପା ମୂଳପୋଛ ହୋଇଯାଇଥିବା ବେଳେ କଂଗ୍ରେସ ମଧ୍ୟ ସବୁ ସହରାଞ୍ଚଳ ଶାସନ ଦଖଲ କରିବାକୁ ସକ୍ଷମ ନ ହୋଇ ଭୋଟ ହାରରେ ଦ୍ୱିତୀୟ ସ୍ଥାନରେ ଥିଲା। ଜଣେ ଦକ୍ଷ ସଂଗଠକଙ୍କୁ ଯଦି କଂଗ୍ରେସ ଜିଲା ସଭାପତି କରିବ ତେବେ ଆଗାମୀ ପୌର ନିର୍ବାଚନରେ ଗଞ୍ଜାମରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ଅପରପକ୍ଷରେ ଗତ ପୌର ନିର୍ବାଚନର ଫଳାଫଳ ପୁଣି ପୁନରାବୃତ୍ତି ହେବାର ନୂଆ ବିଜେଡି ସଭାପତି ଆଶା ପ୍ରକଟ କରିଛନ୍ତି।

## ସଂକ୍ଷେପରେ

### ଅର୍ଥନୀତି ବିଭାଗ ଆଲୋଚନାଚକ୍ର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୨୩।୨:** ଉଚ୍ଚଶିକ୍ଷା ବିଭାଗ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ୨ ଦିନିଆ ଆଲୋଚନାଚକ୍ର ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବିଶ୍ୱବ୍ୟାଙ୍କ ମସ୍କୋ ଶାଖା ମୁଖ୍ୟ ଅର୍ଥନୀତିଜ୍ଞ ପ୍ରଫେସର କୁମରବର ଦାସ ଯୋଗ ଦେଇଥିଲେ। ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ପ୍ରଫେସର ଜଗନ୍ନାଥ ଲେଙ୍କା ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଢାକାସ୍ଥିତ ଡାଫୋଡିଲ ବିଶ୍ୱବିଦ୍ୟାଳୟ ପ୍ରଫେସର ଓମାର ଫାରୁକ୍ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଗୋବିନ୍ଦ.ଜେ.ଚକ୍ରପାଣି ପ୍ରମୁଖ ଯୋଗ ଦେଇଥିଲେ । ଦୁଇଦିନ ଧରି ଆୟୋଜିକ ଆଲୋଚନାଚକ୍ରରେ ଗୋଟିଏ ନିର୍ଯାସ ବାହାରିଥିଲା ଯେ, ବିନା ପରିବେଶରେ ଅର୍ଥନୀତିର ଅଗ୍ରଗତି ଅସମ୍ଭବ। ଏହା ଆମ ପରିବେଶକୁ ଯେଉଁ ଭଳି ଦିନକୁ ଦିନ ଦୂଷିତ କରିବାକୁ ଲାଗିଛି ତାହା ଭବିଷ୍ୟତ ପିଢ଼ିପାଇଁ ଶୁଭଙ୍କର ନୁହେଁ। ପରିବେଶକୁ କିପରି ସୁରକ୍ଷା ଦିଆଯାଇ ପାରିବ ଓ ତା ସହିତ ଭାଗୀଦାରି ମଧ୍ୟରେ ଅର୍ଥନୀତିର କିପରି ବିକାଶ ହୋଇପାରିବ ସେ ଉପରେ ଅର୍ଥନୀତିଜ୍ଞମାନେ ମତବ୍ୟକ୍ତ କରିଥିଲେ ।

### ସେବା ନିବୃତ୍ତ କର୍ମଚାରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବ୍ରହ୍ମପୁର ଅଫିସ,୨୩।୨:** ଗଞ୍ଜାମ ଜିଲା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ପୂର୍ବତନ ସଭାପତି ନରସିଂହ ପ୍ରଧାନଙ୍କ ଦ୍ୱାଦଶାହ ଦିବସରେ ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଶିଳ୍ପାଞ୍ଚଳର ଏକ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ମଞ୍ଚ ଜିଲା ସଭାପତି ରଜନୀକାନ୍ତ ମଣ୍ଡଳ ଅଧକ୍ଷତା କରିଥିବା ବେଳେ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ପ୍ରଦୀପ ସାହୁ, ରାଜେନ୍ଦ୍ର ପଣ୍ଡା, ଚତୁର୍ଭୁଜ ଜେନା ଓ ଧୋବା ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ଜିଓ ସମନ୍ୱୟ ସମିତିର ପୂର୍ବତନ ରାଜ୍ୟ ସଭାପତି ଜଗନ ମୋହନ ସାହୁ, ବରିଷ୍ଠ କର୍ମଚାରୀ ନେତା ବୃନ୍ଦାବନ ସାବତଙ୍କ ସମେତ ସମୀର ଆଚାର୍ଯ୍ୟ, ପ୍ରସନ୍ନ ତ୍ରିପାଠୀ, ରାଧାକୃଷ୍ଣ ପାଢ଼ୀ, ପ୍ରଦୀପ ଦାସ ଓ ଅନ୍ୟମାନେ ସ୍ମୃତିଚାରଣ ସହ ଶ୍ରଦ୍ଧାସୁମନ ଜଣାଇଥିଲେ।

### ମୀନାକ୍ଷୀ ମିଶ୍ରଙ୍କ ସ୍ମୃତିଚାରଣ

**ବ୍ରହ୍ମପୁର ଅଫିସ,୨୩।୨:** ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ରଙ୍କ ବିୟୋଗରେ ବ୍ରହ୍ମପୁର ପଣ୍ଡା କଲୋନୀରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ନେତା ଉମାଚରଣ ନାୟକ ସଭାପତିତ୍ୱ କରିଥିବା ବେଳେ ମଳୟ ବିଶୋୟୀ, ଅଭିଷେକଶ୍ୱର ବେହେରା, ସନ୍ତୋଷ ପାଣିଗ୍ରାହୀ, ହେମନ୍ତ କୁମାର ନାହାକ, ଉଲ୍ଲାସ ପାଣିଗ୍ରାହୀ, ସୀମାଞ୍ଚଳ ସେଠୀ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ, କାଳୁ ମହାରଣା, ସୁଚେତା ମିଶ୍ର, କୁଞ୍ଜଲତା ପାଢ଼ୀ, ରମା ମୁଦୁଲି, କୁନି ପଣ୍ଡା, ଉତ୍କଳାରାଣୀ ପଣ୍ଡା ପ୍ରମୁଖ ମୀନାକ୍ଷୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କଲୋନୀର ଅନେକ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୋଲସରା ବ୍ଲକ ଖଇରଚଟା ଗାଁରେ ୪ ଜଣ ପିଲାଙ୍କ ମୃତ୍ୟୁ ପରର ଦୃଶ୍ୟ...




ଗଞ୍ଜାମ ଜିଲା ଖଇରଚଟା ଗାଁରେ ରବିବାର ୪ ଜଣ ପିଲାଙ୍କର ମୃତ୍ୟୁ ହେବା ପରେ ଶୋକାକୁଳ ପରିବେଶରେ ମୃତଦେହ ସଂସ୍କାର କରାଯାଉଛି । ନିକଟରେ ଗ୍ରାମବାସୀ ଉପସ୍ଥିତ ଅଛନ୍ତି ।



ଦୁର୍ଘଟଣାସ୍ଥଳ ।



ଶୋକାକୁଳ ପରିବାର ବର୍ଗ ।



ପୋଲସରା ମେଡିକାଲରେ ବିଧାୟକ ଶ୍ରୀକାନ୍ତ ସାହୁ ଜଣେ ଆହତ ଶିଶୁଙ୍କ ପରିବାରଙ୍କୁ ଭେଟୁଛନ୍ତି।

## ଗଞ୍ଜାମର କଳା, ସଂସ୍କୃତିକୁ ବଜାୟ ରଖିବାକୁ ଆହ୍ୱାନ

### ଓଡ଼ିଶା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୨୩।୨**

ଓଡ଼ିଶାର ଅନେକ ପ୍ରାଚୀନ କଳା, ସଂସ୍କୃତିର ଏକ୍ସୁଡିଶାଳ ଗଞ୍ଜାମ ଜିଲା । କଳା, ସଂସ୍କୃତି ପାଇଁ ଏହି ଜିଲା ଦେଶ ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ତେଣୁ ଏହି କଳା, ସଂସ୍କୃତି, ପରମ୍ପରାକୁ ଆହୁରି ଉଜ୍ଜୀବିତ କରିବା ସହ ଏହାକୁ ବଜାୟ ରଖିବା ଦିଗରେ ଜିଲାବାସୀ ଆଗଭର ହୁଅନ୍ତୁ ବୋଲି ଓଡିଶା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଗୃହ, ଶକ୍ତି ଓ ଉଦ୍ୟୋଗ ବିଭାଗ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଏହା କହିଛନ୍ତି । ଖଲ୍ଲିକୋଟ କଲେଜ ଖେଳପଡିଆରେ ଦୁଇଦିନ ଧରି ଚାଲିଥିବା ଓଡିଶା ସାଂସ୍କୃତିକ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ସାଂସ୍କୃତିକ ଅନୁଷ୍ଠାନ ଅଭିଷେକ ମିଶନ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବର ଉଦ୍‌ଯାପନୀ ଦିବସରେ ମନ୍ତ୍ରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ବିଜେଡି ଗଞ୍ଜାମ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲା ବିଜେଡି ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ମଞ୍ଚାସୀନ ଥିଲେ । ଅନୁଷ୍ଠାନ ସଭାପତି ପ୍ରକାଶ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଗାୟକ ସୁନୀଲ କୁମାର । ଗୋଟିଏ ପରେ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ରର ଗୀତ ଗାଇ ସୁନୀଲ ନିଜ ସଙ୍ଗୀତର ଯାଦୁରେ ଦର୍ଶକଙ୍କୁ ଝୁମାଇଥିଲେ ।



ଶିଶୁମାନେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରୁଛନ୍ତି ।

## ଅର୍ଥନୀତିକୁ ପ୍ରଭାବିତ କରିବ କେନ୍ଦ୍ର ବଜେଟ

**ବ୍ରହ୍ମପୁର ଅଫିସ,୨୩।୨**

ଭାରତ ବର୍ତ୍ତମାନ ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତି କରୁଛି । ଭାରତର ଅର୍ଥନୀତି ୪୫ ବର୍ଷ ପୂର୍ବକୁ ଫେରିଆସିଛି । ବିଗତ ୪୪ରୁ ୪୫ ବର୍ଷ ପୂର୍ବେ ଦେଖା ଦେଇଥିବା ନିଯୁକ୍ତି, ଆର୍ଥିକ ସଙ୍କଟଜନକସ୍ଥିତି ବର୍ତ୍ତମାନ ପୁଣି ଦୃଶ୍ୟମାନ ହୋଇଛି। ଚଳିତ ବର୍ଷର କେନ୍ଦ୍ରୀୟ ବଜେଟରେ ଆଗାମୀ ଦିନରେ ଦେଶର ଅର୍ଥନୀତିର ଅଭିବୃଦ୍ଧି ସହ ସାଧାରଣ ନାଗରିକଙ୍କ ଉପରେ ଗଭୀର ପ୍ରଭାବ ପକାଇବ । ରବିବାର ବ୍ରହ୍ମପୁର ଟ୍ୟାକ୍ସବାର ଆସୋସିଏଶନ, ଇଣ୍ଡିଆନ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଇନଷ୍ଟିଚ୍ୟୁଶନ(ଆଇସିଏଆଇ)ବ୍ରହ୍ମପୁର ଶାଖା, ଗଞ୍ଜାମ ଚାମ୍ବର ଅଫ କମର୍ସ ପକ୍ଷରୁ କେନ୍ଦ୍ରୀୟ ବଜେଟ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅରୁଣ କୁମାର ସାବତ ଏହା କହିଛନ୍ତି । ଚଳିତ ବର୍ଷ ଟ୍ୟାକ୍ସ ଉପରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଭାରତର ଅର୍ଥନୀତିକୁ ବିଶେଷ ଭାବେ ପ୍ରଭାବିତ କରିବ । ଫଳସ୍ୱରୂପ ଟେଲିକମ୍, ଯାନବାହନ, ରିୟଲଷ୍ଟେଟ ଭଳି ବହୁ ଆବଶ୍ୟକ କ୍ଷେତ୍ର ମହଙ୍ଗା ହେବ। ଯାହାର ସିଧାସଳଖ ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡିବ ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ, ସରକାର ଭିତ୍ତିଭୂମି ବାବଦରେ ୧୦୩ ଲକ୍ଷ କୋଟି ଟଙ୍କା ବ୍ୟୟ କରିବାକୁ ବଜେଟରେ ଘୋଷଣା କରିଛନ୍ତି । ତାହାକୁ କେବଳ ଘୋଷଣାରେ ସୀମିତ ନ ରଖି ବ୍ୟୟ ଅଟକଳ ଯୋଜନା ପ୍ରସ୍ତୁତ କରି ଭିତ୍ତିଭୂମି ବିକାଶରେ ଠିକ୍ ବିନିଯୋଗ କରିବା ଆବଶ୍ୟକ। ତେବେଯାଇ ଭାରତର ଅର୍ଥନୀତିର ବିକାଶ ଆଶାତୀତ ହେବ । ନଚେତ ଆଗାମୀ ୩ ମାସରେ ଦେଶ ଆହୁରି ଜଟିଳ ଆର୍ଥିକସ୍ଥିତିର ସମ୍ମୁଖୀନ ହେବ ବୋଲି ବକ୍ତା ସାବତ କହିଥିଲେ। ଧର୍ମନଗରସ୍ଥିତ ଶୁଭମ୍ ସେଲିବ୍ରେଶନ୍ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ବ୍ରହ୍ମପୁର ଟ୍ୟାକ୍ସବାର ଆସୋସିଏଶନ ସଭାପତି ରଞ୍ଜିତ ପାଢୀ, ଆଇସିଏଆଇର ଉପାଧ୍ୟକ୍ଷ ଡିଏଲ ନାରାୟଣ, ଟ୍ୟାକ୍ସବାର ଆସୋସିଏଶନ ସମ୍ପାଦକ ତ୍ରିପତି ପାତ୍ର, ଗଞ୍ଜାମ ଚାମ୍ବର ଅଫ କମର୍ସ ସଭାପତି ଇ. ଶିବପ୍ରସାଦ ରାଓ ଓ ସମ୍ପାଦକ ଭି. ସନ୍ତୋଷ ପ୍ରମୁଖ ମଞ୍ଚାସୀନ ଥିଲେ । ଟ୍ୟାକ୍ସବାର ଆସୋସିଏଶନ ସଦସ୍ୟ ବଦ୍ରି ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଆଇସିଏଆଇର ସମ୍ପାଦକ ତାପସ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।




ମଞ୍ଚାସୀନ ବ୍ୟକ୍ତିବିଶେଷ ।

## ପ୍ରାଣୀବିଜ୍ଞାନ ବିଭାଗର ପୁରାତନ ଛାତ୍ର ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୨୩।୨**

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ପୁରାତନ ଛାତ୍ର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଗଣେଶ ହଲରେ ଆୟୋଜିତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ. ସିଦ୍ଧାର୍ଥ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପୁରାତନ ଛାତ୍ର ସଂଘ କାର୍ଯ୍ୟନିର୍ବାହୀ ସମ୍ପାଦକ ଅଧ୍ୟାପକ ଡ. ବିଭୂତି ପ୍ରସାଦ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବିଭାଗର ପୂର୍ବତନ ଅଧ୍ୟାପକ ସତ୍ୟନାରାୟଣ ନାୟକ, ଭାରତୀୟ ପ୍ରାଣୀ ବିଜ୍ଞାନ ସର୍ବେକ୍ଷଣ ସଂସ୍ଥା ଗୋପାଳପୁର କେନ୍ଦ୍ର ନିର୍ଦ୍ଦେଶକ ଡ. ଅନିଲ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ବିଭାଗୀୟ ମୁଖ୍ୟ ସୁଶୀଲ କୁମାର ରାଠୋର ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁନୀଲ କୁମାର ସେଠୀ, ଅମରେଶ ମହାପାତ୍ର ଓ ଗିରିଜା ଶଙ୍କର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାଣୀ ବିଜ୍ଞାନ ପାଠ୍ୟକ୍ରମ ଉପରେ ଅଧିକ ଗବେଷଣା ଓ ଅଧ୍ୟୟନ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଭାଗର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଓ ବରିଷ୍ଠ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ମଞ୍ଚାସୀନ ଅତିଥି ।

## ସମ୍ରାଟ୍ ମହାବିଦ୍ୟାଳୟ ପୂର୍ବତନ ସମ୍ପାଦକଙ୍କ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା

**ବ୍ରହ୍ମପୁର ଅଫିସ,୨୩।୨**

ସମ୍ରାଟ୍ ମହାବିଦ୍ୟାଳୟ ପୂର୍ବତନ ସମ୍ପାଦକ ସ୍ୱର୍ଗତ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟ ଓ ବିଦ୍ୟାମନ୍ଦିରର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସହରର ବହୁ ମାନ୍ୟଗଣ୍ୟ, ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ କର୍ତ୍ତବ୍ୟ ନିଷ୍ଠା, ପ୍ରେରଣା, ଅଧ୍ୟବସାୟ ଉପରେ ଆଲୋକପାତ କରିଥିଲେ ।



ପୂର୍ବତନ ସମ୍ପାଦକ ସ୍ୱର୍ଗତ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ଫଟୋ ଚିତ୍ର ।

## ବ୍ରହ୍ମପୁରରେ ବଢୁଛି ଘରୋଇ ନର୍ସିଂହୋମ୍

# ସ୍ୱାସ୍ଥ୍ୟସେବା ନାଁରେ ଚାଲିଛି ଲୁଟ

*ବ୍ରହ୍ମପୁର ଅଫିସ, ୨୩।୨-ଗତ କିଛି ଦିନ ହେଲା ବ୍ରହ୍ମନଗର ଦ୍ୱିତୀୟ ଲେନ୍‌ରେ ଥିବା ଗୁରୁଦେବ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସା ଅବହେଳାରୁ ଐଶ୍ୱର୍ଯ୍ୟା ସିଂଦେଓଙ୍କର ମୃତ୍ୟୁ ହୋଇଥିଲା। ଜିଲା ପ୍ରଶାସନର ତଦନ୍ତ ଓ ଚଢ଼ାଉ ପରେ ବର୍ତ୍ତମାନ ଉକ୍ତ ହସ୍‌ପିଟାଲକୁ ସିଲ୍ କରାଯାଇଛି । କିନ୍ତୁ ଏଭଳି ଘଟଣା ଥରେ ନୁହେଁ ବାରମ୍ବାର ବିଭିନ୍ନ ସମୟରେ ବ୍ରହ୍ମପୁର ସହରରେ ଘଟୁଛି। ହେଲେ ହସ୍‌ପିଟାଲ ମାଲିକ ଓ ଡାକ୍ତର ସେବା ବଦଳରେ ରୋଗୀଙ୍କ ଜୀବନ ସହ ଖେଳି ବ୍ୟବସାୟ ଚଳାଉଛନ୍ତି । ରୋଗୀମାନେ ସରକାରୀ ଚିକିତ୍ସାଳୟରେ ଠିକ୍ ଚିକିତ୍ସା ସୁବିଧା ପାଉ ନ ଥିବାରୁ ଘରୋଇ ହସ୍‌ପିଟାଲକୁ ଯିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ହେଲେ ସେବା ନାଁରେ ଚାଲିଛି ହରିଲୁଟ । ଏନେଇ ବ୍ରହ୍ମପୁର ସହରର କେତେକ ସାମାଜିକ କର୍ମୀ, ବୁଦ୍ଧିଜୀବୀଙ୍କଠାରୁ ଜାଣିବା ସେମାନଙ୍କ ପ୍ରତିକ୍ରିୟା ।*

### ସେମାନେ ଯାହା କୁହନ୍ତି

“ ବାରମ୍ବାର ଏଭଳି ଘଟଣା ଘଟୁଥିବା ଯୋଗୁ ଏହାକୁ ଦୁର୍ଘଟଣା ଭାବିବା ଉଚିତ ନୁହେଁ। ହସ୍‌ପିଟାଲ କର୍ତ୍ତୃପକ୍ଷ କେବଳ ବ୍ୟବସାୟ କରୁଛନ୍ତି। ରୋଗୀଙ୍କ ଜୀବନ ସହ ଖେଳିବା ଅପରାଧ। ତେଣୁ ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ । ଏମ୍‌କେସିଜି ହେଉଛି ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର । ୧୬୦ କୋଟି ଟଙ୍କା ଅନୁଦାନରେ ଏହାର ଭିତ୍ତିଭୂମି ବଢ଼ାଇବା ସହ ବର୍ଣ୍ଣ ୟୁନିଟ, କ୍ୟାନ୍‌ସର ୟୁନିଟ ଇତ୍ୟାଦି ବ୍ୟବସ୍ଥା କରାଯିବା ଉଚିତ ।



**– ବବିତା ପାତ୍ର, ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା**

“ ବାରମ୍ବାର ଏଭଳି ଘଟଣା ଉକ୍ତ ହସ୍‌ପିଟାଲରେ ଘଟିଚାଲିଛି । ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ । ସମସ୍ତ ଘରୋଇ ଚିକିତ୍ସାଳୟକୁ ଯାଞ୍ଚ କରାଯାଉ। ନଚେତ ରୋଗୀ ସୁସ୍ଥ ହେବାକୁ ଆସିଥିବା ବେଳେ ତାଙ୍କର ଅକାଳରେ ମୃତ୍ୟୁ ଘଟିବ।



**–ସୋନାଲି ହାଜ୍ରା, ଇନରହ୍ୱିଲ କ୍ଲବ ସଭାପତି**

“ ଏହା କିଛି ନୂଆ କଥା ନୁହଁ । ଲୋକଙ୍କ ଜୀବନ ସହ ଖେଳିବା ଏକ ସୌକ ବୋଲି ମନେହେଉଛି। ଭଗବାନ ଭାବି ଆମେ ଡାକ୍ତରଙ୍କ ପାଖକୁ ଯାଉ । କିନ୍ତୁ ମନମୁଖୀ ଶାସନ ସେମାନଙ୍କୁ ରାକ୍ଷସ ସଜାଇ ମୃତ୍ୟୁ ଦୂତ ଭଳି କାମ କରେ । ଘରୋଇ ନର୍ସିଂହୋମଗୁଡ଼ିକୁ ଯାଞ୍ଚ କରାଯିବା ଉଚିତ ।



**–ରାମ ପାତ୍ର, ଭାଜପା ନେତା**

“ ଦାୟିତ୍ୱହୀନତା ଓ ବ୍ୟବସାୟୀକରଣ ହିଁ ଏଭଳି ଘଟଣାର ମୁଖ୍ୟ କାରଣ । ମୋତେ ଲାଗୁଛି ଏଭଳି ଅପରାଧ ବାରମ୍ବାର ଘଟୁଛି । ଓଭର ଡୋଜ ହେଉ କିମ୍ବା ସର୍ଜରୀ ସମୟର କେତେକ ତ୍ରୁଟି ଯୋଗୁ ନିରୀହ ମଣିଷଙ୍କ ପ୍ରାଣବାୟୁ ଅକାଳରେ ଚାଲିଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ ଯାଞ୍ଚ କରାଯାଇ ଘରୋଇ ହସ୍‌ପିଟାଲଗୁଡ଼ିକୁ କଡ଼ା ନଜରରେ ରଖିବା ଉଚିତ ।



**–ସଂଘମିତ୍ରା ଦଳେଇ, ଜିଲା ବିଜେଡ଼ି ସଭାନେତ୍ରୀ**

“ ଗତ ୬ ମାସ ପୂର୍ବରୁ ମଧ ଏଭଳି ଏକ ମୃତ୍ୟୁ ହୋଇଥିଲା । ସର୍ଜରୀର କିଛି ମିନିଟ୍ ପରେ ରୋଗୀଙ୍କୁ ନର୍ସଙ୍କ ଭରସାରେ ଛାଡ଼ି ଦେଇ ଚାଲିଯାଉଛନ୍ତି । ଫଳରେ ଏଭଳି ମୃତ୍ୟୁ ବାରମ୍ବାର ଘଟିଚାଲିଛି । ଘରୋଇ ହସ୍‌ପିଟାଲକୁ ଯାଞ୍ଚ କରାଯିବା ସହ ସରକାରୀ ହସ୍‌ପିଟାଲରେ ରୋଗୀ ସେବା ତ୍ୱରାନ୍ୱିତ କରାଯାଉ ।



**–ରଞ୍ଜନା ମିଶ୍ର, ଇନରହ୍ୱିଲ କ୍ଲବ ସମ୍ପାଦିକା**

“ ଅପରେଶନ ପରେ ମହିଳାଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଡାକ୍ତର କିମ୍ବା ମେଡ଼ିକାଲ କର୍ତ୍ତୃପକ୍ଷଙ୍କର ତ୍ରୁଟି ତାହା ତଦନ୍ତ ପରେ ଜଣାପଡ଼ିବ । ଠିକ୍ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଦଣ୍ଡ ବ୍ୟବସ୍ଥା କରାଯିବ ଉଚିତ ।



**– ସୁଜିତ ପାତ୍ର, ଛାତ୍ର**

## ସଂକ୍ଷେପରେ

### ମେଗା ସ୍ୱାସ୍ଥ୍ୟ ଶିବିର

**କୋଦଲା,୨୩।୨(ଡି.ଏନ.ଏ.):** କୋଦଲା ପୁରୁଣା ବଜାର ଛକ ଜଗନ୍ନାଥ ମନ୍ଦିର ନିକଟରେ ସ୍ଥାନୀୟ ଗଣେଶ ଯୁବକ ସଂଘ ତରଫରୁ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସଭାପତିତ୍ୱ ଓ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ସ୍ଥାନୀୟ ତହସିଲଦାର ପ୍ରଭାତ କୁମାର ପରିଡ଼ା, ମୁଖ୍ୟ ଅତିଥି ଭାବେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତନୁ କୁମାର ପାଢ଼ୀ, ସମ୍ମାନିତ ଅତିଥି ଭାବେ ବେଗୁନିଆପଡ଼ା ବିଡ଼ିଓ ଦେବଦତ୍ତ ପ୍ରଧାନ ଯୋଗ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିବାବେଳେ ମାଗଣା ଚକ୍ଷୁ ଚିକିତ୍ସା, ବାକ୍ ଓ ଶ୍ରବଣ ବାଧିତଙ୍କ ଚିକିତ୍ସା ଓ ମେଗା ରକ୍ତଦାନ ଶିବିର କରାଯାଇଥିଲା। ଏଥିରେ ବ୍ରହ୍ମପୁର ଓ ଭୁବନେଶ୍ୱରରୁ ବହୁ ଅଭିଜ୍ଞ ଡାକ୍ତର ଚିକିତ୍ସା କରିଥିଲେ। ସଂଘର ସମ୍ପାଦକ ମନୋରଞ୍ଜନ ଡ଼ାକୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ସଭ୍ୟ ସହଯୋଗ କରିଥିଲେ।

### ଦିବ୍ୟାଙ୍ଗ ଉପକରଣ ବଣ୍ଟନ ମେଳା

**କୋଦଲା,୨୩।୨(ଡି.ଏନ.ଏ.):** ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ଫାସି ପଞ୍ଚାୟତର ତିନୋଟି ବ୍ଲକ ବେଗୁନିଆପଡ଼ା, ଖଲ୍ଲିକୋଟ, ପୁରୁଷୋତ୍ତମପୁର ବ୍ଲକରେ ଥିବା ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସେମାନଙ୍କ ଆବଶ୍ୟକୀୟ ଉପକରଣମାନ ମାଗଣାରେ ବଣ୍ଟନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ କୃତ୍ରିମ ଅଙ୍ଗ ନିର୍ମାଣ ଲିମ୍ବସ ସଂସ୍ଥା ଓ ବ୍ରହ୍ମପୁର ଲାୟନ୍ସ କ୍ଲବ ତରଫରୁ ଫାସି ପଞ୍ଚାୟତର ସରପଞ୍ଚ ନବୀନ କୁମାର ଦଳେଇଙ୍କ ସହଯୋଗକ୍ରମେ ଗତ ମାସର ଦିବ୍ୟାଙ୍ଗ ଚିହ୍ନଟ କାର୍ଯ୍ୟକ୍ରମରେ ଚିହ୍ନଟ ୮୦ ଜଣଙ୍କୁ ଆଶାବାଡ଼ି, ଟ୍ରାଇ ସାଇକଲ, ଶ୍ରବଣ ଯନ୍ତ୍ର, ମାନସିକ ବିକାରଗ୍ରସ୍ତଙ୍କ ବ୍ୟାୟାମ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିରେ ସ୍ଥାନୀୟ ତହସିଲଦାର ପ୍ରଭାତ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବେଗୁନିଆପଡ଼ା ବିଡ଼ିଓ ଦେବଦତ୍ତ ପ୍ରଧାନ, ବ୍ରହ୍ମପୁର ଲାୟନ୍ସ କ୍ଲବ ସଭାପତି ରଜନୀକାନ୍ତ ମହାପାତ୍ର, ଗଞ୍ଜାମ ଜିଲା ଦିବ୍ୟାଙ୍ଗ ସଂଘ ସମ୍ପାଦକ କେ. ଆନନ୍ଦ ରାଓ ପ୍ରମୁଖ ଯୋଗ ଦେଇଥିଲେ।

### ନେହେରୁ ଯୁବା କେନ୍ଦ୍ର ତରଫରୁ ଯୁବ ସମ୍ମିଳନୀ

ପାଟପୁର,୨୩।୨: ସାନଖେମୁଣ୍ଡି ବ୍ଲକ ନେହେରୁ ଯୁବ ତରଫରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଭାପତି, ସମ୍ପାଦକ ଓ ଆଶାୟୀ ଯୁବ ନେତୃତ୍ୱମାନଙ୍କୁ ନେଇ ଯୁବ ସମ୍ମିଳନୀ ବଉଳଘାଇଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ନେହେରୁ ଯୁବ କେନ୍ଦ୍ରର କୋଷାଧକ୍ଷ ସୁଦାମ ଚରଣ ସାବତ, ମୁଖ୍ୟବକ୍ତା ଭାବେ ଜାଗୃତି କମ୍ପ୍ୟୁଟର ମୁଖ୍ୟ ଜଗନ୍ନାଥ ରଥ, ସମ୍ମାନିତ ଅତିଥି ଶିକ୍ଷକ କବିରାଜ ନାୟକ, ଅଧାପକ ଦୀପକ କୁମାର ସ୍ୱାଇଁ, ସମାଜସେବୀ ଟୁଙ୍ଗୁରୁ ସ୍ୱାଇଁ, ହିଞ୍ଜିଳିକାଟୁ ପେସ୍ କମ୍ପ୍ୟୁଟର ଅନୁଷ୍ଠାନର ଶିକ୍ଷକ ବିକାଶ ମହାପାତ୍ର ଆଦି ଉପସ୍ଥିତ ଥିଲେ। ଯୁବଶକ୍ତିକୁ ସାମାଜିକ କ୍ଷେତ୍ରରେ ସାମିଲ କରିବା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ପ୍ରତିନିଧି ସୋମନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିବାବେଳେ ବ୍ଲକର ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟାରେ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ।

# ରଣଝାଳିରେ ପାନୀୟ ଜଳ ସଙ୍କଟ


ପାଣି ପାଇଁ ମହିଳାଙ୍କ ଭିଡ଼।

- ଲୋକଙ୍କ ଆନ୍ଦୋଳନ ସଜବାଜ
- ନୂତନ ବୋରୱେଲ ହେଉନି କାର୍ଯ୍ୟକ୍ଷମ

**ପୁରୁଷୋତ୍ତମପୁର,୨୩।୨(ଡି.ଏନ.ଏ.)**

ସମସ୍ତଙ୍କୁ ପାନୀୟ ଜଳ ଯୋଗାଇବା ଲାଗି ପ୍ରତ୍ୟେକ ଘରକୁ ପାଇପ୍ ସଂଯୋଗ ପାଇଁ ସରକାର ନିର୍ଦ୍ଦେଶ ଦେଇ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ପୁରୁଷୋତ୍ତମପୁର ବ୍ଲକ ରଣଝାଳି ଗ୍ରାମରେ ଏବେଠାରୁ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏ ନେଇ ଲୋକେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପାନୀୟ ସମସ୍ୟା ସମାଧାନ ନ ହେଲେ ଏହାର ପ୍ରତିବାଦରେ ଲୋକମାନେ ବ୍ଲକ କାର୍ଯ୍ୟାଳୟକୁ ଘେରାଉ ସହ ରାସ୍ତା ଅବରୋଧ କରିବେ ବୋଲି ସଜବାଜ ହେଉଛନ୍ତି।

ରଣଝାଳି ଗ୍ରାମରେ ୭ ୱାର୍ଡ ରହିଥିବା ବେଳେ ଜନ ସଂଖ୍ୟା ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ହେବ। ଏମାନଙ୍କୁ ପାନୀୟ ଜଳ ଯୋଗାଣ ଲାଗି ୧ ଲକ୍ଷ ୬୦ ହଜାର ଲିଟର କ୍ଷମତା ସମ୍ପନ୍ନ ଓଭରହେଡ୍ ପାଣି ଟାଙ୍କି ରହିଛି। ଏହି ଟାଙ୍କିକୁ ହତାପୁର ଗ୍ରାମ ନିକଟରେ ନିର୍ମିତ ବୋରୱେଲରୁ ପାଣି ଆସୁଛି। ମାତ୍ର ଏହି ପାଣି ପର୍ଯ୍ୟାପ୍ତ ହେଉ ନ ଥିବାରୁ ଦୁଇ ବର୍ଷ ତଳେ ରଣଝାଳି ସ୍କୁଲ ନିକଟସ୍ଥ ବାଲିନଟା ପଡିଆଠାରେ ଏକ ନୂତନ ବୋରୱେଲ ଖୋଳାଯାଇଛି। ହେଲେ ତାହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ଷ୍ଟାଣ୍ଡପୋଷ୍ଟ ଗୁଡିକ ଖାଲିରେ ପଡିରହିଛି। ଏହି ୱାର୍ଡର ଲୋକମାନଙ୍କ ଘରକୁ ମଧ୍ୟ ପାଇପ୍‌ଲାଇନ ସଂଯୋଗ ଦିଆଯାଇନାହିଁ। ଅପରପକ୍ଷରେ ଏହି ୱାର୍ଡରେ ଥିବା ନଳକୂପରୁ ପାଣି ଠିକ ଭାବେ ଆସୁନାହିଁ। ଯାହାଦ୍ୱାରା ଲୋକେ ପିଇବା ଲାଗି ଡହଳ ବିକଳ ହେଉଛନ୍ତି। ଏ ନେଇ ପଞ୍ଚାୟତ ଅଭିଯୋଗ ଶୁଣାଣିରେ ଜଣାଇବା ସହ ବିଡିଓ ଏବଂ ଛତ୍ରପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କହିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଏ ସମ୍ପର୍କରେ ସ୍ଥାନୀୟ ପୋଲିସକୁ ମଧ୍ୟ ଲୋକେ ଜଣାଇଛନ୍ତି।

# ସହଭାଗିତା କାର୍ଯ୍ୟକ୍ରମ



ସହଭାଗିତା କାର୍ଯ୍ୟକ୍ରମରେଅତିଥି।

**ଫିରିଙ୍ଗିଆ,୨୩।୨**

ଫିରିଙ୍ଗିଆ ଖେଳ ପଡିଆରେ ଗୁରୁବାର ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ମମତା ଯୋଜନାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ଲୋକଙ୍କୁ ଅବଗତ କରାଯାଇଥିଲା। ଜିଲା କଳାକାରସଂଘ କର୍ମକର୍ତ୍ତା ଉପସ୍ଥିତ ଜନତାଙ୍କୁ ଏସବୁ ଯୋଜନା ଉପରେ ସଚେତନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ, ବିଡିଓ ରଶ୍ମୀରଞ୍ଜନ ମହନ୍ତ, କଳାକାର ସଂଘ ଉପ ସଭାପତି ଅକ୍ଷୟ କର୍ନ, ରମେଶ ସାହୁ, ସଞ୍ଜୟ ଦିଗାଲ, ପ୍ରମୋଦ ଦଣ୍ଡସେନା, ତ୍ରିନାଥ ପଣ୍ଡା ପ୍ରମୁଖ ଅତିଥି ଭାବେଯୋଗ ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠି ସଦସ୍ୟା, ଅଙ୍ଗନୱାଡି କର୍ମୀ, ଅଶାକର୍ମୀଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ମୋଟର ଚାଳକ ସଂଘର ବାର୍ଷିକ ସମ୍ମିଳନୀ

**ଶେରଗଡ,୨୩।୨(ଡି.ଏନ.ଏ.)**

ଶେରଗଡ଼ ତହସିଲ କାର୍ଯ୍ୟାଳୟ ରାସ୍ତା ପାର୍ଶ୍ୱରେ ରବିବାର ମୋଟର ଚାଳକ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମେଘନାଦ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ସୁରଞ୍ଜନ କୁମାର ସାହୁ ଯୋଗଦେଇ ଏକ ରାଲିର ଶୁଭାରମ୍ଭ କରିଥିଲେ। ଉକ୍ତ ରାଲିରେ ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଚାରି ଛକ, ବାଇପାସ୍ ହୋଇ ବଜାର ଛକ, ବଡ଼ଦାଣ୍ଡ ସାହି ଶେରଗଡ଼ ଗ୍ରାମ ପରିକ୍ରମା କରାଯାଇଥିଲା। ସମ୍ମିଳନୀରେ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବରିଷ୍ଠ ସାମାଜିକ କର୍ମୀ ହୀନ ବେହେରା, ଯୁବ ସାମାଜିକ କର୍ମୀ ସନ୍ତୋଷ କୁମାର ପଟ୍ଟନାୟକ, ଶେରଗଡ଼ ମୋଟର ଚାଳକ ସଂଘର ଉପସଭାପତି ପ୍ରତାପ ପ୍ରଧାନ, ସମ୍ପାଦକ ବାବୁ ଗୌଡ, କୋଷାଧ୍ୟକ୍ଷ ଦିଲେଶ୍ୱର ନାୟକଙ୍କ ସମେତ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ମୋଟର ଚାଳକ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ସମସ୍ତ ଚାଳକମାନଙ୍କୁ ପଞ୍ଜୀକୃତ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ ଆଦି ବିଭିନ୍ନ ଦାବି ନେଇ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ଉପସ୍ଥିତ ଅତିଥିମାନଙ୍କୁ କର୍ମକର୍ତ୍ତାମାନେ ଅନୁରୋଧ କରିଥିଲେ ।


କର୍ମକର୍ତ୍ତାଙ୍କ ଗହଣରେ ମୁଖ୍ୟଅତିଥି ଭାଷଣ ଦେଉଛନ୍ତି।

# ଓଡ଼ିଆ ବିଭାଗ ପାଠଚକ୍ର

**ପାଟପୁର,୨୩।୨(ଡି.ଏନ.ଏ.)**

ପାଟପୁର ସ୍ଥିତ ବିଶ୍ୱାସରାୟ ବିଜ୍ଞାନ କଲେଜ ସ୍ନାତକ ଓଡିଆ ବିଭାଗ ପକ୍ଷରୁ ପାଠଚକ୍ର ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅନୁଜ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପାଠଚକ୍ରକୁ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ବ୍ରହ୍ମା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମଧ୍ୟଯୁଗୀୟ ଓଡିଆ ସାହିତ୍ୟକୁ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ ଶୀର୍ଷକ ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ହରିକୃଷ୍ଣ ନାୟକ ଯୋଗଦେଇ କବିସମ୍ରାଟଙ୍କ ସାହିତ୍ୟ କୃତିକୁ ଆଲୋକପାତ କରିଥିଲେ। ବିଦାୟୀ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅତିଥି ଭାବେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାରଣା, ବିଜୟ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

# ବାଲୁଙ୍କେଶ୍ୱର ପଡ଼ିଆରେ ନାଟକ ମଞ୍ଚସ୍ଥ


ମଞ୍ଚାସୀନ ଅତିଥିବୃନ୍ଦ।

**ଗଞ୍ଜାମ,୨୩।୨(ଡି.ଏନ.ଏ.)**

ଗଞ୍ଜାମ ଏନ୍‌ଏସି କାର୍ତ୍ତିସାହିସ୍ଥିତ ବାଲୁଙ୍କେଶ୍ୱର ପୀଠରେ ମହାଶିବ ରାତ୍ରି ଉପଲକ୍ଷେ ମା' କନକଦୁର୍ଗା ନାଟ୍ୟ ସଂସଦ ପକ୍ଷରୁ ବାଲୁଙ୍କେଶ୍ୱର ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସାମାଜିକ ନାଟକ ଗୁପ୍ତ ସମ୍ପର୍କ ମଞ୍ଚସ୍ଥ ହୋଇଥିଲା। ନାଟକକୁ ପାଳିବନ୍ଧ ପଞ୍ଚାୟତ ସରପଞ୍ଚ ଦିଲୀପ କୁମାର ଛୋଟରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ବିଜେଡି ଯୁବନେତା ରାକେଶ ରଞ୍ଜନ (ସିଲୁ), ସାମାଜିକ କର୍ମୀ ବିଜୟ କୁମାର ସାହୁ, ନାଟ୍ୟ ମ୍ୟାନେଜର ଗୌରୀଶଙ୍କର ବାରିକି, ପରିଚାଳନା କମିଟି ସଭାପତି ନୀଳାଞ୍ଚଳ ବାରିକି, ସମ୍ପାଦକ ଅଜୟ କୁମାର ବାରିକି, ଆଇନଜୀବୀ କୈଳାସ ପଲାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଓକିଲ ପଙ୍କଜ କୁମାର ବାରିକି ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ।

# ବିଶ୍ୱ ମାତୃଭାଷା ଦିବସ

**ଆସିକା, ୨୩।୨(ଡି.ଏନ୍.ଏ)**

ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. କେ. ଓମ ନାରାୟଣ ରାଓ ଓ ଅଧ୍ୟାପକ ସରୋଜ କୁମାର ଜେନା ମାତୃଭାଷାର ଉନ୍ନତି ଓ ମାତୃଭାଷା ଜରିଆରେ ଶାନ୍ତି ଓ ସଦ୍‌ଭାବ ସ୍ଥାପନ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ସୁପ୍ରିୟା ଦାସ ଓଡିଆ ଭାଷାର ମହନୀୟତା ଓ ଗରିମା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀ ରାଜେଶ୍ୱରୀ, ସୋନାଲି ଓ ସୁମିତ୍ରା ବିଶ୍ୱ ମାତୃଭାଷା ସମ୍ପର୍କରେ ସେମାନଙ୍କ ଲିଖିତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଯୁକ୍ତ ୩ ତୃତୀୟ ବର୍ଷ ଓଡ଼ିଆ ବିଭାଗର ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସଚେତନତା କର୍ମଶାଳା

**ଆସିକା,୨୩।୨ (ଡି.ଏନ୍.ଏ.)**

ଆସିକା ବ୍ଲକ୍ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଗୁରୁବାର ଆସିକା ବ୍ଲକ ସଭା ଗୃହରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋ ଗେହ୍ଲା ଝିଅ, ନିର୍ଭୟା କଢ଼ି ଓ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସିଡିପିଓ ଭାରତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ମୁଖ୍ୟ ଅତିଥି, ଅଜିତ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ରୂପେ ଆସିକା ତହସିଲଦାର୍ ସଦାନନ୍ଦ ସେଠୀ, ଭାରପ୍ରାପ୍ତ ବିଡିଓ ପ୍ରଦୀପ କୁମାର ପଣ୍ଡା, ଡାକ୍ତର ମନୋଜ ତ୍ରିପାଠୀ, ସୁଦାମ ପାଣିଗ୍ରାହୀ, ଶିବପ୍ରସାଦ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ କନ୍ୟାଙ୍କ ପ୍ରତି ସମାଜରେ ହେୟ ମନୋଭାବ ଯୋଗୁ ପୁଅ ଝିଅଙ୍କ ମଧ୍ୟରେ ବଢ଼ି ଚାଲିଥିବା ଅହେତୁକ ବ୍ୟବଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କନ୍ୟାଭ୍ରୂଣ ହତ୍ୟା, ଯୌତୁକ ନିର୍ଯ୍ୟାତନା ଓ ଏହାକୁ ରୋକିବା ଦିଗରେ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ସାମାଜିକ ସଚେତନତା ସୃଷ୍ଟି ନିହାତି ଜରୁରୀ ବୋଲି କର୍ମଶାଳାରେ ମତପ୍ରକାଶ ପାଇଥିଲା। ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେମାନେ ଅଧିକ ସଚେତନ ହେବା ଲାଗି ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଯୋଗଦେଇଥିଲେ।

# ଯୁରୋ କିଡ୍‌ସ୍ ପୁରସ୍କୃତ

**ଛତ୍ରପୁର,୨୩।୨ (ଡି.ଏନ୍.ଏ.)**

ଛତ୍ରପୁରସ୍ଥିତ ଯୁରୋ କିଡସ୍ ସ୍କୁଲକୁ ଶିକ୍ଷାର ସଫଳତା ପାଇଁ ବାଙ୍ଗାଲୋରସ୍ଥିତ ଇମେଜ୍ ପ୍ଲାନେଟ୍ ଓ ମାର୍କେଟ ରିସର୍ଚ୍ଚ କମ୍ପାନୀ ପକ୍ଷରୁ ପୁରସ୍କୃତ କରାଯାଇଛି । ଶକ୍ତି ଆଣ୍ଡ ଏଜୁକେଶନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଉକ୍ତ ସ୍କୁଲର ବିଗତ ଶିକ୍ଷା ବର୍ଷର ବିଭିନ୍ନ କାର୍ଯ୍ୟକ୍ରମକୁ ସାମାଜିକ ଗଣମାଧ୍ୟମରେ ଅନୁଧ୍ୟାନ କରି ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଅନିଲ କୁମାର ରେଡ୍ଡୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ରବିବାର ସ୍କୁଲର କାର୍ଯ୍ୟକାରୀ ପ୍ରିନ୍ସିପାଲ ସସ୍ମିତା ମହାପାତ୍ର, ପ୍ରିନ୍ସିପାଲ ଡାଇନା ମିଶ୍ର, ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶିକ୍ଷା ଅଧିକାର ଆଇନକୁ ଏହି ସ୍କୁଲରେ ପାଳନ କରାଯାଉଛି। ଏହି ଆଇନ୍ ଅନୁସାରେ ଗରୀବ ପିଲାଙ୍କୁ ମାଗଣାରେ ଶିକ୍ଷା ଦାନ କରାଯାଉଥିବା ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।


ଟ୍ରଫି ସହ ସ୍କୁଲ କର୍ତ୍ତୃପକ୍ଷ।

# ୟୁଥ୍ ଫର୍ ଭିଲେଜର ତମାଖୁ ମୁକ୍ତି ସଚେତନତା

**ଗଞ୍ଜାମ,୨୩।୨(ଡି.ଏନ.ଏ.):** ବ୍ଲକର ସ୍ୱେଚ୍ଛାସେବୀ ଯୁବ ସଙ୍ଗଠନ ୟୁଥ୍ ଫର ଭିଲେଜ ପକ୍ଷରୁ ତମାଖୁ ମୁକ୍ତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଶିବରାତ୍ରି ଉପଲକ୍ଷେ ତାରିଣୀପଲ୍ଲୀ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୧୦୮ ଦୀପ ପ୍ରଜ୍ୱଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଠାରେ ଉପସ୍ଥିତ ଭକ୍ତ ଓ ଦର୍ଶକଙ୍କୁ ତମାଖୁ ଭଳି ମାରାତ୍ମକ କୁଅଭ୍ୟାସଠାରୁ ଦୂରେଇ ରହିବାକୁ ସଚେତନ କରାଯାଇଥିଲା। ତମାଖୁ ମୁକ୍ତି ସଚେତନ ଓ ପରାମର୍ଶ କେନ୍ଦ୍ର ୟୁଥ ଫର ଭିଲେଜ ଓ ନିଶାମୁକ୍ତି ଯୁବ ସଂକଳ୍ପ, ଭୁବନେଶ୍ୱର ତରଫରୁ ଏହା ଆୟୋଜନ କରାଯାଇଛି। ୟୁଥ ଫର ଭିଲେଜ ପ୍ରତିଷ୍ଠାତା ତଥା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଣସଂକ୍ରାମକ ରୋଗ ପରାମର୍ଶ କେନ୍ଦ୍ରର ପରାମର୍ଶଦାତା ଡି.ଦେବହରି ରେଡ୍ଡୀ ତମାଖୁର ଭୟାବହତା ସମ୍ପର୍କରେ କହିଥିଲେ। ମୋଚିରାମ ବେହେରା, ଅଶୋକ ବେହେରା, ଗଗନ ସାହୁ, ସୁନୀଲ ସେଠୀ, ବିରଞ୍ଚି ନାହାକ, ଜଗନ୍ନାଥ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ଡାକ୍ତରଖାନା ପ୍ରତୀକ୍ଷାଳୟ ଉଦ୍‌ଘାଟନ

**ଆସିକା,୨୩।୨(ଡି.ଏନ୍.ଏ)**

ଆସିକା ଉପଖଣ୍ଡ ସରକାରୀ ଚିକିତ୍ସାଳୟ ପରିସରରେ ଶନିବାର ଏକ ପ୍ରତୀକ୍ଷାଳୟ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଆସିକା ଏମ୍‌ପି. ପ୍ରମିଳା ବିଷୋୟୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ଯୋଗଦେଇଥିଲେ। ଡାକ୍ତରଖାନାର ଚିକିତ୍ସାଧିକାରୀ ଡାକ୍ତର ମୋହନ ବାରିକଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ କାର୍ତ୍ତିକେଶ୍ୱର ପ୍ରଧାନ, ଯୁବନେତା ନଚିକେତା ସ୍ୱାଇଁ, ଶିବ ନାହାକ, ଅନିଲ ନାୟକ, ଦିଲୀପ ପାଣିଗ୍ରାହୀ, ସତ୍ୟନାରାୟଣ ସ୍ୱାଇଁ, ରାଜେଶ ପଟ୍ଟନାୟକଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ସାମିଲ ଥିଲେ। ୫୦ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମାଣ କରାଯାଇଥିବା ଏହି ପ୍ରତୀକ୍ଷାଳୟ ଗୃହ ଡାକ୍ତରଖାନାକୁ ରୋଗୀ ନେଇ ଆସୁଥିବା ରୋଗୀଙ୍କ ପରିବାରଙ୍କ ସଦସ୍ୟଙ୍କ ପାଇଁ କରାଯାଇଥିବା କୁହାଯାଇଥିଲା। ତେବେ ସରକାର ଡାକ୍ତରଖାନାର ଭିତ୍ତିଭୂମି ବିକାଶ କରୁଥିଲା ବେଳେ ଏହି ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁ ଜନସାଧାରଣ ଆବଶ୍ୟକୀୟ ଚିକିତ୍ସା ସୁବିଧା ପାଇବାରେ ସକ୍ଷମ ହେଉ ନ ଥିବା ଲକ୍ଷ୍ୟ କରାଯାଇଛି।



ପ୍ରତୀକ୍ଷାଳୟ ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ଓ ବିଧାୟିକା।

# ସ୍କୁଲ୍‌କୁ ଅଟୋ ବନ୍ଦ ନେଇ ଅସୁବିଧାରେ ଶିକ୍ଷାର୍ଥୀ

**ପାଟପୁର,୨୩।୨**

**ବିକଳ୍ପ ବ୍ୟବସ୍ଥା ପାଇଁ ଅଭିଭାବକଙ୍କ ଦାବି**

ବିଦ୍ୟାଳୟକୁ ପାସେଞ୍ଜର ଅଟୋ ଯୋଗେ ଛାତ୍ରୀଛାତ୍ରଙ୍କ ଯାତାୟାତ ପ୍ରତି ସରକାର ଓ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ଏହି ନିଷ୍ପତ୍ତିକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କଠାରେ ଅସନ୍ତୋଷ ଦେଖାଦେଇଛି। ସାନଖେମୁଣ୍ଡି ବ୍ଲକ ସ୍ଥିତ ଛଣମେରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ଅଭିଭାବକମାନଙ୍କ ବୈଠକରେ ଏଭଳି ନିଷ୍ପତ୍ତିର ପୁନର୍ବିଚାର ସହ ବିକଳ୍ପ ବ୍ୟବସ୍ଥା ପାଇଁ ଦାବି କରାଯାଇଛି। କଙ୍କୋରଡା, କଉଡିଆ, ପଥରପୁଞ୍ଜି, ଏରେଣ୍ଡ୍ରା, ପାଟପୁର, ଗୌତମୀ, ମହାନଳା, ରାମଚନ୍ଦ୍ରପୁର ସମେତ ଦୂରଦୂରାନ୍ତରୁ ଛଣମେରୀ ଆଦର୍ଶ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଆସୁଛନ୍ତି। ତେବେ ସମ୍ପ୍ରତି ବାର୍ଷିକ ପରୀକ୍ଷା ସମୟ ନିକଟତର ହୋଇଥିବାରୁ ପିଲାଙ୍କ ସ୍କୁଲ ଯିବା ସଙ୍କଟରେ ପଡ଼ିଥିବା ସେମାନଙ୍କ ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ତେବେ ସ୍କୁଲ କର୍ତ୍ତୃପକ୍ଷ ଏ ଦିଗରେ କିଛି ପଦକ୍ଷେପ ନିଜ ନିକଟରେ ନ ଥିବା ପ୍ରକାଶ କରିଛନ୍ତି। ପିଲାଙ୍କ ପାଠପଢା ବନ୍ଦ ହେବା ସହ ପରୀକ୍ଷା ସମୟରେ ଅଟୋ କଟକଣା ପିଲାଙ୍କୁ ପ୍ରଭାବିତ କରିବ ବୋଲି କହିଛନ୍ତି। ପ୍ରଶାସନ ଓ ସ୍କୁଲ କର୍ତ୍ତୃପକ୍ଷ ଦୂରଦୂରାନ୍ତରୁ ପିଲାମାନେ ସ୍କୁଲ ଆସିବାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରନ୍ତୁ ଓ ବ୍ୟବସ୍ଥା ଗ୍ରହଣ ପର୍ଯ୍ୟନ୍ତ ଅଟୋ କଟକଣା ହଟାଇବାକୁ ନିବେଦନ କରିଛନ୍ତି। ଏହା ନ ହେଲେ ଗଞ୍ଜାମ ଜିଲାପାଳଙ୍କୁ ଅଭିଯୋଗ କରାଯିବା ସହ ବିଦ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି।

# ଭୂତକୋଠି ପାଲଟିଛି ପ୍ରାଣୀଧନ ସହାୟକ କେନ୍ଦ୍ର

**ଶେରଗଡ,୨୩।୨(ଡି.ଏନ୍.ଏ.)**

ଶେରଗଡର ବରମୁଣ୍ଡଳୀ ଗ୍ରାମ ଛକରେ ରହିଛି ପ୍ରାଣୀଧନ ସହାୟକ କେନ୍ଦ୍ର। ୨୦୧୫ରେ ଏହି କେନ୍ଦ୍ରର କାମ ସରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ କୋଠାକୁ ଉଦ୍‌ଘାଟନ କରିଥିଲେ। ଲକ୍ଷ୍ୟ ଥିଲା କେନ୍ଦ୍ର କାର୍ଯ୍ୟକ୍ଷମ ହେବାପରେ ବରମୁଣ୍ଡଳୀ ସହିତ ଆଖପାଖ ୨୦ ଖଣ୍ଡ ଗ୍ରାମର ଚାଷୀମାନେ ଉପକୃତ ହେବେ। ବରମୁଣ୍ଡଳୀ, ବରିକୋଟ, ପରମାରନ୍ଦପୁର, ବନ୍ଧାଗୁଡା, ଚିକିଲି, ଷଡଙ୍ଗୀପଲ୍ଲୀ, ଗୋପପଲ୍ଲୀ, ପଟାପାବୁଲି, ଲକ୍ଷ୍ମୀନୃସିଂହପୁର ଗ୍ରାମ ସମେତ ବହୁ ଗ୍ରାମର ହଜାର ହଜାର ପଶୁଙ୍କୁ ଏଠାରେ ଚିକିତ୍ସା କରାଯିବ। ମାତ୍ର ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାଣୀଧନ ଡାକ୍ତର ନିଯୁକ୍ତ ହେଲେନାହିଁ। ଏବେ କୋଠାଟିର ସମ୍ମୁଖରେ ଲଟାବୁଦା ମାଡିଗଲାଣି। ଡାକ୍ତର ଓ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବା ଯୋଗୁ ୨୦ରୁ ଅଧିକ ଗ୍ରାମର ପଶୁ ଚିକିତ୍ସା କ୍ଷେତ୍ରରେ ବ୍ୟାପକ ଅସୁବିଧା ହେଉଛି।

ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ପଞ୍ଚାୟତବାସୀ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ପ୍ରାଣୀଧନ ଚିକିତ୍ସକ ଡ. ଅରବିନ୍ଦ ବେହେରା କୁହନ୍ତି ଯେ, ବହୁବର୍ଷ ହେଲା ତିଆରି ହୋଇଥିଲେ ମଧ୍ୟ ଗତ ତିନି ମାସ ତଳେ ଆମଙ୍କୁ ହସ୍ତାନ୍ତର କରାଯାଇଛି। ସରକାରଙ୍କ ତରଫରୁ ଡାକ୍ତର ନିଯୁକ୍ତି ହେଲେ ଭଲ ହୁଅନ୍ତା। ଏହାକୁ ତୁରନ୍ତ ସଫା ରଖି କାର୍ଯ୍ୟାଳୟ ଚାଲୁ କରିବାର ବ୍ୟବସ୍ଥା କରିବୁ।



ଲଟା ବୁଦା ଉହାଡରେ ପ୍ରାଣୀଧନ ସହାୟକ କେନ୍ଦ୍ର।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ସୋମବାର, ଫେବୃୟାରୀ ୨୪/୨୦୨୦ | Berhampur, Monday, February 24/ 2020


## ସଂକ୍ଷେପରେ

### ତୃତୀୟ ବିବାହ କରି ଜେଲ ଗଲେ ସ୍ୱାମୀ

ବୁଗୁଡ଼ା,୨୩।୨(ଡି.ଏନ.ଏ.): ତୃତୀୟ ବିବାହ କରିବା ଅଭିଯୋଗରେ ବୁଗୁଡ଼ା ପୋଲିସ ଜଣଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ବୁଗୁଡ଼ା ଥାନା ଜାମପଲ୍ଲୀ ଗାଁର ସନ୍ତୋଷ କୁମାର ସେନାପତି (୫୫)। ୩୦ ବର୍ଷ ପୂର୍ବେ ସନ୍ତୋଷ ପ୍ରଥମ ବିବାହ କରିଥିଲେ। କିନ୍ତୁ ତାଙ୍କର କୌଣସି ସନ୍ତାନ ହୋଇ ନ ଥିଲା। ତେଣୁ ସେ ଦ୍ୱିତୀୟ ବିବାହ କରି ସ୍ତ୍ରୀଙ୍କୁ ଭୁବନେଶ୍ୱରରେ ଆଣି ରଖିଥିଲେ। ତାଙ୍କର ମଧ କୌଣସି ସନ୍ତାନ ହୋଇ ନ ଥିବାରୁ ସନ୍ତୋଷ ଦୁଇ ଜଣ ସ୍ତ୍ରୀଙ୍କୁ ଛାଡ଼ି ତୃତୀୟ ବିବାହ କରିଥିଲେ। ଖବର ପାଇ ଦ୍ୱିତୀୟ ସ୍ତ୍ରୀ ଭୁବନେଶ୍ୱରରେ ପୋଲିସକୁ ଜଣାଇବା ପରେ ବୁଗୁଡ଼ା ଥାନାକୁ ଆସି ଅଭିଯୋଗ କରିଥିଲେ। ପୋଲିସ ନଂ. ୩୯/୨୦ରେ ଏକ ମାମଲା ରୁଜୁ କରି ସନ୍ତୋଷଙ୍କୁ ଗିରଫ କରିଥିଲା।

### ଗ୍ରାମ ସଭାପତିଙ୍କୁ ଆକ୍ରମଣ, ୨ ଭାଇ ଗିରଫ

ବୁଗୁଡ଼ା,୨୩।୨(ଡି.ଏନ.ଏ.):ବୁଗୁଡ଼ା ଥାନା ଉଦୟପୁର ଗ୍ରାମରେ ଗ୍ରାମ୍ୟ ସଭାପତିଙ୍କୁ ମାରପିଟ କରିବା ଅଭିଯୋଗରେ ବୁଗୁଡ଼ା ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେମାନେ ହେଲେ ଉଦୟପୁର ଗ୍ରାମର ୨ ଭାଇ ଟିଟୁ ନାୟକ ଓ ସଞ୍ଜୟ ନାୟକ । ସଭାପତିଙ୍କ ଅଭିଯୋଗକ୍ରମେ ବୁଗୁଡ଼ା ଥାନାରେ ନଂ. ୪୦/୨୦ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ପ୍ରକାଶ ଯେ, ଉଦୟପୁର ଶୈବ ମନ୍ଦିରରେ ଜାଗର ଯାତ୍ରା ଲାଗି ଉକ୍ତ ଗ୍ରାମର ଟିଟୁ ନାୟକ ଭକ୍ତମାନେ ନେଇ ଯାଇଥିବା ବାଇକ୍ ଓ ସାଇକେଲ ରଖିବା ଲାଗି ଲୋକଙ୍କଠାରୁ ଅର୍ଥ ଆଦାୟ କରୁଥିଲେ। ଉକ୍ତ ଆଦାୟ ଅର୍ଥର ହିସାବ ଗ୍ରାମ ସଭାପତି ମାଗିବା ସହ ଟଙ୍କା ଦେବାକୁ ସେ ଟିଟୁଙ୍କୁ ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ପରେ ଏହି ବିଷୟକୁ ନେଇ ଟିଟୁ ଓ ତାଙ୍କ ଭାଇ ସଞ୍ଜୟ ଶନିବାର ସକାଳେ ଗ୍ରାମ ସଭାପତିଙ୍କୁ ମାରପିଟ ସହ ଆକ୍ରମଣ କରିଥିଲେ। ଏନେଇ ସଭାପତି ଭିକାରୀ ନାୟକ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଏନେଇ ସଭାପତି ଭିକାରୀ ନାୟକ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଟିଟୁ ଓ ସଞ୍ଜୟଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

### ମହିଳାଙ୍କୁ ଟଣାଓଟରା, ମାଡ଼ ଅଭିଯୋଗ: ଯୁବକ ଗିରଫ

ବୁଗୁଡ଼ା,୨୩।୨(ଡି.ଏନ.ଏ.): ବୁଗୁଡ଼ା ଥାନା ଅଞ୍ଚଳର ମହିଳାଙ୍କୁ ଟଣାଓଟରା ସହ ମାରପିଟ କରିବା ଅଭିଯୋଗରେ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବୁଗୁଡ଼ାର ରାଜା ନାୟକ। ମହିଳାଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ପୋଲିସ ନଂ. ୪୧/୨୦ରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଶନିବାର ରାତିରେ ମହିଳା ଓ ତାଙ୍କ ଝିଅ ଶୋଇଥିବା ବେଳେ ରାତି ପ୍ରାୟ ସାଢ଼େ ୯ଟାରେ ଉକ୍ତ ଯୁବକ ତାଙ୍କ ଘରେ ପଶି ମହିଳାଙ୍କୁ ଟଣାଓଟରା କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ରାଜା ଏକ କାଠ ଫାଳିଆରେ ମହିଳାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିସହ ମହିଳାଙ୍କ ସ୍ୱାମୀ ଓ ଝିଅକୁ ମଧ ଗାଳିଗୁଲଜ କରିଥିଲେ। ମହିଳା ଜଣକ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଲା ପରେ ରବିବାର ଥାନାରେ ଅଭିଯୋଗ କରିଥିଲେ। ଗିରଫ ଯୁବକଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

### ମା’ ରାଉତରାଏ କ୍ରିକେଟ ଟୁର୍ନାମେଣ୍ଟ
### ବୁଗୁଡ଼ାପଲୀ ଚାମ୍ପିୟନ

ହିଞ୍ଜିଳିକାଟୁ, ୨୩।୨(ଡି.ଏନ୍.ଏ): ହିଞ୍ଜିଳିକାଟୁ ବ୍ଲକ ବାଦିଆମ୍ବଗାଁରେ ଅନୁଷ୍ଠିତ ମା’ ରାଉତରାଏ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ବୁଗୁଡ଼ାପଲୀର ପାସ୍କାର ଇଲେଭେନ ଚାମ୍ପିୟନ ହୋଇଛି। ଫାଇନାଲରେ ରେଗିଡ଼ିର ମା କାଳୀ କ୍ରିକେଟ କ୍ଲବକୁ ୨୦ରନରେ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିଣି ବୁଗୁଡ଼ାପଲୀ ପ୍ରଥମେ ବ୍ୟାଟିଂ କରି ୧୪.୫ ଓଭରରେ ୯୩ରନ କରି ଅଲ ଆଉଟ ହୋଇଥିଲା। ଜବାବ୍‌ରେ ରେଗିଡ଼ି ୧୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୩ରନ କରିଥିଲା। ବୁଗୁଡ଼ାପଲୀର ସୁନୀଲଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ ବିବେଚିତ କରାଯାଇଥିଲା। ମ୍ୟାଚକୁ ସାଗର ସାହୁ ଓ ପ୍ରମୋଦ ନାହାକ ପରିଚାଳନା କରିଥିଲେ। ଅଜିତ ସାହୁ, ଅନିଲ ସେଠୀ, ରତିକାନ୍ତ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରାଜନୀତିରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାକୁ ନିଷ୍ପତ୍ତି



ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ଶୋଭାଯାତ୍ରା କରୁଛନ୍ତି ।

- ଭିତ୍ତିଭୂମି ଚୂଡ଼ାନ୍ତ ପରେ ଶିଳାନ୍ୟାସ ପାଇଁ ଆସିବେ ପ୍ରଧାନ ମନ୍ତ୍ରୀ
- ଗୋପାଳପୁର-ସମ୍ବଲପୁର ରେଳ ପ୍ରକଳ୍ପ

ଭଞ୍ଜନଗର,୨୩।୨(ଡି.ଏନ.ଏ.)

ଗୋପାଳପୁର ଭାୟା ଭଞ୍ଜନଗର ସମ୍ବଲପୁର ରେଳ ପ୍ରକଳ୍ପ ବଜେଟରେ ଟୋକନ ମନି ବ୍ୟବସ୍ଥା ହୋଇଛି । ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ ଏବେ ବି ଅନେକ କାର୍ଯ୍ୟ ବାକି ଅଛି । ସମସ୍ତ ରାଜନୈତିକ ଦଳର ସହଯୋଗ ବିନା କାର୍ଯ୍ୟ ଆରମ୍ଭ ହୋଇପାରିବ ନାହିଁ। ତେଣୁ ଅଞ୍ଚଳର ହିତ ଦୃଷ୍ଟିରୁ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତଙ୍କୁ କାର୍ଯ୍ୟ କରିବାକୁ ହେବ ବୋଲି ରବିବାର ଭଞ୍ଜନଗର ବାର ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଗୋପାଳପୁର-ସମ୍ବଲପୁର ରେଳ ପ୍ରକଳ୍ପ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ବୈଠକରେ ମତପ୍ରକାଶ ପାଇଛି। ବୈଠକରେ ଗଞ୍ଜାମ, କନ୍ଧମାଳ ଜିଲାର ବିଭିନ୍ନ ବାର ଆସୋସିଏଶନ କର୍ମକର୍ତ୍ତା, ରାଜନୈତିକ ଦଳର ଲୋକ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଭିତ୍ତିଭୂମି ଚୂଡ଼ାନ୍ତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସି ପ୍ରକଳ୍ପର ଶିଳାନ୍ୟାସ କରିବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଇଥିବା ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଳିକ ବୈଠକରେ ସୂଚନା ଦେଇଥିଲେ।

ବୈଠକରେ ଗୋପାଳପୁର-ସମ୍ବଲପୁର ରେଳ ପ୍ରକଳ୍ପ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ବାର୍ ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼ ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ବଣିକ ସଂଘ ସଭାପତି ମୃତ୍ୟୁଞ୍ଜୟ ସୁବୁଦ୍ଧି ପ୍ରଦୀପ ପ୍ରଜ୍ଜଳନ କରିଥିଲେ। କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଏମ୍.ତାଜ୍ ଆଦେନୀ, ଭାଜପା ନେତା ନୀଳମଣି ବିଷୋୟୀ, ସିପିଆଇଏମ୍ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ବିଜେଡ଼ି ଜିଲା ଉପସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, କଂଗ୍ରେସ ଜିଲା କାର୍ଯ୍ୟକାରୀ କମିଟି ସଭାପତି ସନ୍ତୋଷ ନାୟକ, ସିପିଆଇ ରାଜ୍ୟ କାର୍ଯ୍ୟକାରୀଣି କମିଟି ସଭ୍ୟ ସୋମନାଥ ନାୟକ, ବରିଷ୍ଠ ଲେଖକ ପ୍ରଶାନ୍ତ ମହାନ୍ତି, ଅବସରପ୍ରାପ୍ତ କର୍ମଚାରୀ ସଂଘର ନେତା ଶୂଳପାଣି ଶତପଥୀ,ବଣିକ ସଂଘ ସମ୍ପାଦକ ସୁଶାନ୍ତ ମହାପାତ୍ର, ଆଇନଜୀବୀ ରବି ଦାସ, ବୈଦ୍ୟନାଥ ସାହୁ, ଫୁଲବାଣୀ ବାର୍ ଆସୋସିଏଶନ ସଭାପତି ଅଶିମ ପ୍ରହରାଜ, ବ୍ରହ୍ମପୁର ବାର ଆସୋସିଏଶନ ସମ୍ପାଦକ କୈଳାସ ପାଣିଗ୍ରାହୀ, ଆସିକା ବାର ଆସୋସିଏଶନ ସଭାପତି ସରୋଜ କୁମାର ତ୍ରିପାଠୀ, ବାଲିଗୁଡ଼ା ବାର୍ ଆସୋସିଏଶନ ସଭାପତି କୌଶିକ ସାହୁ, ଛତ୍ରପୁର ଓକିଲ ସଂଘର ସଭ୍ୟ ପର୍ଶୁରାମ ଗୌଡ଼, ସୂଚନାକର୍ମୀ ବି.ଶଙ୍କର ପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ । ସମ୍ପାଦକ ଅଶୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପୂର୍ବରୁ ବାର୍ ଆସୋସିଏଶନ କର୍ମକର୍ତା ସହରରେ ଏକ ଶୋଭାଯାତ୍ରା କରିଥିଲେ । ପୂର୍ବତନ କାଉନ୍‌ସିଲର ଡ଼ି. ଚେଲପତି ରାଓଙ୍କ ସମେତ ବାର ଆସୋସିଏଶନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମୃତକଙ୍କ ପରିବାରକୁ ସହାୟତା ଦେଲେ ୩ ମନ୍ତ୍ରୀ


ମୃତକଙ୍କ ପରିବାରକୁ ସହାୟତା ରାଶି ଚେକ୍ ପ୍ରଦାନ କରୁଛନ୍ତି ମନ୍ତ୍ରୀ।

**ଡଙ୍କଲପାଡୁ ବସ୍ ଟ୍ରାଜେଡି**

ଗୋପାଳପୁର,୨୩।୨

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଡଙ୍କଲପାଡୁ ରାସ୍ତାରେ ଗତ ୯ ତାରିଖରେ ନିର୍ବନ୍ଧ ପାଇଁ ଯାଉଥିବା ବସ୍‌ରେ ୧୧ କେଭି ବିଦ୍ୟୁତ୍ ତାର ଲାଗିଯିବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ବିଭିନ୍ନ ରାଜନୈତିକ ଦଳ ମୃତକ ଓ ଆହତ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏଥିସହ ଜିଲା ପ୍ରଶାସନ ମଧ ଆହତମାନଙ୍କ ଉତ୍ତମ ଚିକିତ୍ସା ସୁବିଧା କରାଇଥିଲେ। ରବିବାର ଅପରାହ୍ନରେ ରାଜ୍ୟ ଶକ୍ତି ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ ଓ ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଡଙ୍କଲପାଡୁ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ୧୦ ଜଣ ମୃତକ ବି.ଏରାମା ରେଡ୍ଡୀ, ବି.ଆଜାମ୍ମା, କେ.ସନ୍ଧ୍ୟା, ସିଏଚ୍ କାମରାଜୁ ରେଡ୍ଡୀ, ବି. ମୋହନୀ, ବି.ରାମେୟା, ସିଏଚ୍ ତୁଳସୀଆମ୍ମା, ଝିଲି ସାହୁ, ତାରଣେୟା ରେଡ୍ଡୀ ଓ ବି. ଦେବରାଜଙ୍କ ପରିବାର ସଦସ୍ୟଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଚେକ୍ ପ୍ରଦାନ କରିଥିଲେ।

ଅନ୍ୟପଟେ ବି.ମହାଲକ୍ଷ୍ମୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ତାଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମହାଲକ୍ଷ୍ମୀଙ୍କ ପରିବାରକୁ ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ମନ୍ତ୍ରୀଙ୍କ ଗସ୍ତ ବେଳେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗୋପାଳପୁର ବିଧାୟକ ଡ.ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟିକା ଉଷା ଦେବୀ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଉପସ୍ଥିତ ଥିଲେ।

ଏହି ଉପଲକ୍ଷେ ଡଙ୍କଲପାଡୁରେ ଆୟୋଜିତ ସଭାରେ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗାଯୋଗ ବେଳେ ଦୁର୍ଘଟଣା ପାଇଁ ଦାୟୀ ରହିଥିବା ବିଭାଗୀୟ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ବର୍ତ୍ତମାନ ଆଲୋଚନା ଚାଲୁ ରହିଛି। ତଦନ୍ତ ରିପୋର୍ଟ ମଧ ଆସିଛି। ଆଗାମୀ ଦିନରେ ଉକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଗୋପାଳପୁର ବିଧାୟକ କହିଥିଲେ, ଆସନ୍ତା ମାସରେ ଶକ୍ତି ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ। ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଲୋକଙ୍କୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ ଓ ଆହତମାନଙ୍କୁ ମଧ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ମା’ ବାପା ହରାଇଥିବା ୨ ଭଉଣୀ ଦ୍ରୌପଦୀ ଓ ଜ୍ୟୋତ୍ସ୍ନାଙ୍କ ପଢ଼ା ଖର୍ଚ୍ଚ ସହ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ଚିକିଟି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସାଉଥ୍‌କୋ ଅଧୀକ୍ଷଣ ଯନ୍ତ୍ରୀ ଚନ୍ଦନ ଦାଶ, ନିର୍ବାହୀ ଯନ୍ତ୍ରୀ ଦେବେଶ ରଞ୍ଜନ ପଣ୍ଡା, ଚିକିଟି ତହସିଲଦାର ହରପ୍ରସାଦ ଭୂୟାଁ, ଏକ୍ସିଙ୍ଗ ସରପଞ୍ଚ ସିଏଚ୍ ସୁଧାକର ରେଡ୍ଡୀ, ସମିତିସଭ୍ୟ ତୁଳସେୟା ରେଡ୍ଡୀ, ସିଏଚ୍ ଡିଲେଶ୍ୱର ରେଡ୍ଡୀ, ପୂର୍ବତନ ଚିକିଟି ବ୍ଲକ ଅଧ୍ୟକ୍ଷ ଏମ.ନାଗରାଜୁ ରେଡ୍ଡୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଭାଟିରୁ ମଦ ଜବତ, ପୋଚ ନଷ୍ଟ

**ମହିଳାଙ୍କ ସମେତ ୭ ଗିରଫ**

ଆସିକା,୨୩।୨(ଡି.ଏନ୍.ଏ.)

ଆସିକା ଏନ୍‌ଏସି ଗଣ୍ଡପଲ୍ଲୀ ଓ ପାକଲାପଲ୍ଲୀ ଗ୍ରାମ ସଂଲଗ୍ନ ଏରୋଗୋଲା ବସାରେ ଚାଲିଥିବା ବେଆଇନ ମଦଭାଟି ଉପରେ ପୋଲିସ ରବିବାର ସକାଳେ ଚଢ଼ାଉ କରିଥିଲା । ଉଭୟ ସ୍ଥାନରୁ ହଜାରେ ଲିଟର ରନ୍ଧାମଦ ଜବତ କରାଯାଇଥିବା ବେଳେ ୩ ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ଏଥିସହ ବହୁ ପରିମାଣର ମଦରନ୍ଧା ସରଞ୍ଜାମ ଜବତ ହୋଇଛି । ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଣ୍ଡପଲ୍ଲୀ ବସାର ଡି. ରାଜି, ଡି. ରାମ, ଡି. ସାଧିକା, ଡି. ରମେଶ, ଏ. ଆଡକାନ୍ଦୁଲୁ, ଟୁକୁନା ନାଇକ ଓ ଏ. ବୁଲୁ । ଅଭିଯୁକ୍ତମାନଙ୍କ ବିରୋଧରେ ଆସିକା ଥାନାରେ ପୃଥକ ୭ଟି ମାମଲା (ନଂ.୬୮, ୬୯, ୭୦, ୭୧, ୭୨, ୭୩ ଓ ୭୪/୨୦) ରୁଜୁ କରାଯାଇଛି । ଅଭିଯୁକ୍ତମାନଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।


ଜବତ କରାଯାଇଥିବା ମଦ ଓ ମଦ ପ୍ରସ୍ତୁତ ସରଞ୍ଜାମ।

### ଦୁର୍ବୃତ୍ତଙ୍କ ଆକ୍ରମଣରେ ୩ ଷଣ୍ଢ ଗୁରୁତର

ପାଟପୁର,୨୩।୨

ସାନଖେମୁଣ୍ଡି ବ୍ଲକ କଙ୍କୋରଡା ଗାଁରେ କୌଣସି ଦୁର୍ବୃତ୍ତ ରବିବାର ୩ଟି ଷଣ୍ଢକୁ ହାଣି ଦେଇଥିଲେ। ଫଳରେ ଗୁରୁତର ହୋଇ ଷଣ୍ଢ ଏଣେତେଣେ ଦୌଡୁଥିବା ବେଳେ ଡେରାସାହି ବାସିନ୍ଦା ଏବଂ କିଛି ସ୍ୱେଚ୍ଛାସେବିମାନେ ଷଣ୍ଢମାନଙ୍କୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟକୁ ଜଣାଇଥିଲେ। ପ୍ରାଣୀ ଡାକ୍ତର ସୁରେନ୍ଦ୍ର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା କରିଥିଲେ। ଷଣ୍ଢମାନେ ସମ୍ପୂର୍ଣ୍ଣ ସୁସ୍ଥ ହେବା ଯାଏ ସ୍ଥାନୀୟ ଲୋକଙ୍କ ସହାୟତାରେ ଡେରାସାହିବାସୀ ସାମୂହିକ ଭାବେ ଯତ୍ନ ନେବା ବ୍ୟବସ୍ଥା କରିଥିବା ସୂଚନା ମିଳିଛି। ଦୃବୃର୍ତ୍ତଙ୍କୁ ଧରିବା ପାଇଁ ସାଧାରଣରେ ଦାବି ହେଉଛି।

# ମହିଳା ସଂଘର ମଦ ବନ୍ଦ ଅଭିଯାନ


ମଦ ବନ୍ଦରେ ସାମିଲ ମହିଳା।

ବେଗୁନିଆପଡ଼ା,୨୩।୨(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତର ମୁଣ୍ଡୁଳ ଗ୍ରାମରେ ରବିବାର ମହିଳା ସଂଘର ମଦ ବନ୍ଦ ଅଭିଯାନ ଦେଖିବାକୁ ମିଳିଛି। ଗ୍ରାମର ପ୍ରାୟ ୮୦ ସ୍ୱୟଂ ସହାୟକ ଗୋଷ୍ଠୀର ୬୦୦ରୁ ଊର୍ଦ୍ଧ୍ୱ ମହିଳା ଶକଳେଶ୍ୱର ମନ୍ଦିର ଠାରେ ଏକତ୍ରିତ ହୋଇ ଏକ ସଭା କରିଥିଲେ। ଗ୍ରାମରେ ମଦ ବିକ୍ରି ଯୋଗୁ ପୁରୁଷମାନେ ମଦ ପିଇ ଘରେ ଝଗଡ଼ା କରିବା ସହ ସ୍ୱାସ୍ଥ୍ୟ ହାନି ହେଉଛି। ଏଥି ସହିତ ଗ୍ରାମରେ ମଧ ଅଶାନ୍ତି ସୃଷ୍ଟି ହେଉଛି। ଏଣୁ ମଦ ବନ୍ଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିବା ସହିତ ଯେଉଁମାନେ ମଦ ବ୍ୟବସାୟ କରୁଛନ୍ତି ସେମାନଙ୍କ ଘରକୁ ଯାଇ ମଦ ବିକ୍ରି ନ କରିବାକୁ କହିଥିଲେ। ସୋମବାର ପୁଣି ଏକ ବୈଠକ କରି ବେଗୁନିଆପଡ଼ା ଫାଣ୍ଡି ଓ କୋଦଳା ଥାନାରେ ଲିଖିତ ଭାବେ ଜଣାଇବା ପାଇଁ ନିଷ୍ପତ୍ତି ହୋଇଛି। ଯଦି ପୁନର୍ବାର ମଦ ବିକ୍ରି କରନ୍ତି, ତେବେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି।

# ଗଞ୍ଜାମ ଜିଲାପାଳଙ୍କ ବେଳାଭୂମି ପରିଦର୍ଶନ

- ପ୍ଲାଷ୍ଟିକ୍, ପଲିଥିନ ବ୍ୟବହାର କରୁଥିବା ଦୋକାନୀଙ୍କୁ ତାଗିଦ୍

ଗୋପାଳପୁର,୨୩।୨

ଗଞ୍ଜାମ ଜିଲାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ଯେଭଳି ନ ହେବ ସେନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରୟାସ ଜାରି ରଖିଛନ୍ତି। ବିଭିନ୍ନ ସ୍ଥାନକୁ ସେ ଅଚାନକ ପରିଦର୍ଶନ ମଧ କରୁଛନ୍ତି। ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ଜିଲାପାଳ ଅଚାନକ ବେଳାଭୂମି ପରିଦର୍ଶନ କରିଥିଲେ। ଏହି ସମୟରେ ବେଳାଭୂମିରେ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ଦୋକାନୀମାନେ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ସହ ଅଳିଆ ଆବର୍ଜନା ପକାଇଥିବା ଦେଖିବାକୁ ପାଇଥିଲେ। ଏଭଳି ଆବର୍ଜନା ପକାଇଲେ ଆଗାମୀ ଦିନରେ ଜରିମାନା ଆଦାୟ କରାଯିବ ବୋଲି ସେ ତାଗିଦ କରିବା ସହ ସଚେତନ କରିଥିଲେ। ବେଳାଭୂମି ପରିସର ସ୍ୱଚ୍ଛ ସୁନ୍ଦର ରଖିବା କ୍ଷେତ୍ରରେ ତଦାରଖ କରିବାକୁ ଏନ୍‌ଏସି ନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମତ୍ସ୍ୟଜୀବୀମାନେ କିଭଳି ବେଳାଭୂମି ସଫା ରଖିବେ, ସଚେତନ ହୋଇ ମୂଳ ଲକ୍ଷ୍ୟକୁ ଆସିବାକୁ ସେ କହିଥିଲେ। ଏଥିସହ ଓଟିଡିସି ପକ୍ଷରୁ ବୋଟର ବ୍ୟବହାର ନେଇ ସୁରକ୍ଷା ଓ ତାର ତଦାରଖ ମଧ କରିଥିଲେ।







10
1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ